ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

# ପୁଣି କବିରଙ୍କ ସହିତ ଦେଖାଗଲେ କ୍ରିତି



ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍, କବିର ବହିଆଙ୍କ ସମ୍ପର୍କକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି । ନିକଟରେ ଉଭୟଙ୍କୁ ମୁମ୍ବାଇ ବିମାନ ବନ୍ଦରରେ ଦେଖାଯାଇଥିଲା । କିନ୍ତୁ ଉଭୟ ସାଙ୍ଗହୋଇ ଫଟୋ ପୋଜ୍ ଦେବାକୁ ମନା କରି ଦେଇଥିଲେ । ତେବେ ସେମାନେ ଛୁଟି କାଟିବାକୁ ବିଦେଶକୁ ଯାଇଥାଇ ପାରନ୍ତି ବୋଲି ଏବେ ଚର୍ଚ୍ଚା ହେବାକୁ ଲାଗୁଛି । କ୍ରିତି ତାଙ୍କ ୩୪ତମ ଜନ୍ମଦିନ ଗ୍ରୀସ୍‌ରେ ପାଳନ କଲାବେଳେ କବିରଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲା । କାରଣ କ୍ରିତି କିଛି ସାଙ୍ଗମାନଙ୍କ ସହ ଜନ୍ମଦିନ ପାର୍ଟିର ଫଟୋ ସେୟାର୍ କରିଥିଲେ । ସେ ସେତେବେଳେ କବିରଙ୍କ ସହ କୌଣସି ଫଟୋ ସେୟାର୍ କରି ନ ଥିଲେ । ହେଲେ କବିରଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିଥିବା ଫଟୋରେ କ୍ରିତି ସ୍ପଷ୍ଟ ଦେଖାଯାଉଥିଲେ । ଏହାପରେ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲା । କବିର ବ୍ରିଟେନର ଜଣେ ଆଗଧାଡ଼ିର ବିଜନେସ୍‌ମ୍ୟାନ୍ ହେବା ସହ ଜଣେ କ୍ରିକେଟ୍ ପ୍ରେମୀ । ତାଙ୍କର ଏମ୍. ଏସ୍ ଧୋନି, ହାର୍ଦ୍ଦିକ୍ ପାଣ୍ଡ୍ୟା ଆଦି କ୍ରିକେଟ୍ ଖେଳାଳିଙ୍କ ସହ ଭଲ ବନ୍ଧୁତା ରହିଛି । କ୍ରିତି ଶେଷ ଥର ପାଇଁ 'ଦୋ ପତି' ଫିଲ୍ମରେ ଦେଖାଯାଇଥିଲେ ।





# ୭ବର୍ଷର ବାଳକ ଆୟୋଜନ କଲା ଫେଶନ ଶୋ'

ସାଧାରଣତଃ ଛୋଟ ପିଲାମାନେ ଖେଳକୁଦ ତଥା ପଢ଼ାପଢ଼ିରେ ଧ୍ୟାନ ଦେଇଥାନ୍ତି । କିନ୍ତୁ ଆମେରିକାର ଜଣେ ସାତବର୍ଷର ବାଳକ ନିଜର ଏକ ସ୍ୱତନ୍ତ୍ର ଫେଶନ ଶୋ' ଆୟୋଜନ କରି ବିଶ୍ୱ ରେକର୍ଡ କରିଛନ୍ତି । ମ୍ୟାକ୍ସ ଆଲେକଜାଣ୍ଡର ନାମକ ଏହି ଶିଶୁ ଜଣକ କଲୋରାଡୋରେ ରୁହନ୍ତି । ୧୮ ନଭେମ୍ବର, ୨୦୨୩ରେ ଡେନଭର ଫେଶନ ୱିକ୍‌ରେ ମ୍ୟାକ୍ସ ତାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ପୋଷାକଗୁଡ଼ିକୁ ପ୍ରଦର୍ଶିତ କରିଥିଲେ ଏବଂ ରନ୍ ୱେ ଶୋକୁ ଡିଜାଇନ୍ କରିଥିବା ସର୍ବକନିଷ୍ଠ ଭାବେ ବିଶ୍ୱରେକର୍ଡ କରିଥିଲେ । ସେ ଚାରି ବର୍ଷ ବୟସରୁ ଅନ୍ତଃରାଷ୍ଟ୍ରୀୟସ୍ତରରେ ପୋଷାକ ଡିଜାଇନ୍ କରି ବିକ୍ରି କରୁଛନ୍ତି । ଏତେ ଛୋଟ ବୟସରୁ ସେ ନିଜ ଫେଶନ ଶୋ' ପାଇଁ ପୋଷାକ ଡିଜାଇନ୍ କରି ସବୁ ଛୋଟ ବଡ଼ ଦିଗ ପ୍ରତି ଧ୍ୟାନ ଦେଉଥିଲେ । ମ୍ୟାକ୍ସଙ୍କ କହିବାନୁଯାୟୀ, ସେ ଚାରିବର୍ଷ ବୟସରୁ ତାଙ୍କ ପିତାମାତାଙ୍କୁ ଫେଶନ ଡିଜାଇନର ହେବା ପାଇଁ କହିଥିଲେ । ସେବେଠାରୁ ସେ ସିଲେଇ କାର୍ଯ୍ୟ ଆରମ୍ଭ କରିଥିଲେ । ଯାହା ସମୟକ୍ରମେ ଭଲ ହୋଇଥିଲା । ଏହି କୁନି ଡିଜାଇନର୍ ଜଣକ 'ପିପୁଲ' 'ଗୁଡ୍‌ମର୍ଣ୍ଣିଂ ଆମେରିକା'ରେ ସ୍ଥାନ ପାଇଛନ୍ତି । ମ୍ୟାକ୍ସ ଅନେକ ହଲିଉଡ୍ ତାରକାଙ୍କ ପାଇଁ ମଧ୍ୟ ପୋଷାକ ତିଆରି କରିଛନ୍ତି । ତେବେ ମ୍ୟାକ୍ସଙ୍କୁ ନିଜର ଏକ ଫେସନ୍ ଶୋ' ଆୟୋଜନ କରିବା ପାଇଁ ଅନେକ ସପ୍ତାହ ଲାଗିଯାଇଥିଲା । ଏହି ଫେସନ୍ ଶୋରେ ତାଙ୍କ ମା'ଙ୍କ ସମେତ ମଡେଲ, ଦର୍ଶକ ଏବଂ ପ୍ରଡକ୍ସନ ମ୍ୟାନେଜର ସାମିଲ ଥିଲେ । ଅବଶ୍ୟ ଫେଶନ ସହ ଜଡ଼ିତ ସମସ୍ତ ଛୋଟ ବଡ଼ ନିଷ୍ପତ୍ତି ମ୍ୟାକ୍ସ ନିଜେ ନେଇଥିଲେ । ଫେଶନ ଶୋ ପାଇଁ ମ୍ୟାକ୍ସ ପ୍ରଥମେ ମଡେଲ ଚୟନ କରିଥିଲେ । ତାଙ୍କ ପାଇଁ ପୋଷାକ ବାଛିଥିଲେ । ତେବେ ମ୍ୟାକ୍ସ ଭବିଷ୍ୟତରେ ଜଣେ ଆଗଧାଡ଼ିର ଫେସନ୍ ଡିଜାଇନର୍ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ମ୍ୟାକ୍ସଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ୩୦ ଲକ୍ଷରୁ ଅଧିକ ଅନୁଗାମୀ ଅଛନ୍ତି ।

## ଆଜିର ଇତିହାସ

- ୧୯୪୫- ହଂକଂରେ ଏକ ନୌକା ଦୁର୍ଘଟଣାରେ ୧୫୫୦ ଲୋକଙ୍କ ମୃତ୍ୟୁ ।
- ୧୯୬୫- ବ୍ରିଟେନରେ, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡକୁ ଉଠାଇ ଦିଆଗଲା ।
- ୧୯୭୨- ଆମେରିକାର କେବୁଲ ଟେଲିଭିଜନ କମ୍ପାନି ଏଚ୍‌ବିଓର ଆରମ୍ଭ ।
- ୧୯୮୮-ଚୀନ୍‌ରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୯୦୦ ଲୋକଙ୍କ ମୃତ୍ୟୁ ।
- ୨୦୦୦- ବିଲ୍ କ୍ଲିଣ୍ଟନ୍‌ଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍ ନ୍ୟୁୟର୍କ ସିଟ୍‌ରୁ ଜିତି ରେକର୍ଡ କଲେ ।
- ୨୦୦୮ - ଭାରତର ପ୍ରଥମ ମାନବ ରହିତ ମହାକାଶଯାନ ଚନ୍ଦ୍ରଯାନ-୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା ।
- ୨୦୧୬- ଭାରତ ସରକାର ବିମୁଦ୍ରୀକରଣରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ ।

# ରେସ୍ତୋରାଁରେ ମହିଳା ରୋବଟ୍ ଶାଢ଼ି ପିନ୍ଧି ପରଷୁଛି ଖାଦ୍ୟ



କେତେକ ରେସ୍ତୋରାଁରେ ଏବେ ରୋବଟ୍‌କୁ ୱେଟର୍ ରୂପରେ କାର୍ଯ୍ୟରେ ଲଗାଯାଉଥିବା ଦେଖିବାକୁ ମିଳୁଛି । ହେଲେ ପ୍ରଥମ ଥର ପାଇଁ କୋଲକାତାର ଏକ ରେସ୍ତୋରାଁରେ ଏକ ମହିଳା ରୋବଟ୍ ଖାଦ୍ୟ ପରଷୁଛି । ଉକ୍ତ ରୋବଟ୍‌ଟି ବଙ୍ଗୀୟ ମହିଳାଙ୍କ ବେଶଭୂଷାରେ ଗ୍ରାହକଙ୍କ କଥା ବୁଝୁଛି । ଏଠାକାର ବିଧାନନଗର ଅଞ୍ଚଳରେ ଥିବା 'ଉଇ ମାଡାମ୍' ରେସ୍ତୋରାଁରେ ଏହି ମହିଳା ରୋବଟ୍ ଗ୍ରାହକଙ୍କ ଦୃଷ୍ଟିଆକର୍ଷଣ କରିଛି । ଅନ୍ୟ ରୋବଟ୍ ଭଳି ଏହାର ମୁହଁ ମେସିନ୍ ଭଳି ଦୃଶ୍ୟମାନ ହୋଇଥିଲେ ହେଁ ବେଶପରିପାଟୀ ସମ୍ପୂର୍ଣ୍ଣ ଭିନ୍ନ । ରୋବଟ୍‌ଟି ଧଳା ଓ ନାଲି ରଙ୍ଗ ଶାଢ଼ି ପିନ୍ଧିଛି । ଏହାସହିତ କାନଫୁଲ, ବିନ୍ଦି, ଲିପଷ୍ଟିକ୍ ତଥା ଅନ୍ୟାନ୍ୟ ଜିନିଷ ପିନ୍ଧିଛି । ରୋବଟ୍‌ର ଏଭଳି ବେଶଭୂଷା ହିଁ ତା'କୁ ଭାରତୀୟ ମହିଳାର ପରିଚୟ ପ୍ରଦାନ କରିଛି । ରୋବଟ୍‌ର ଏହି ବେଶ୍ ହିଁ ଗ୍ରାହକଙ୍କୁ ଉକ୍ତ ରେସ୍ତୋରାଁ ପ୍ରତି ଆକର୍ଷିତ କରୁଛି । ତା'ସହ ଏଠାରେ ଖାଦ୍ୟ ଖାଇବା ଅନୁଭୂତିରେ ଏକ ବୈଷୟିକ ସ୍ପର୍ଶ ମଧ୍ୟ ପ୍ରଦାନ କରୁଛି । ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି । ଯେଉଁଥିରେ ଦେଖିବାକୁ ମିଳୁଛି ଯେ, ଉକ୍ତ ମହିଳା ରୋବଟ୍ ହାତରେ ଖାଇବା ଥାଳି ଆଣି ଗ୍ରାହକଙ୍କୁ ପରଷୁଛି । ଅବଶ୍ୟ ଲୋକେ ୱେଟର୍‌ଭାବେ ମହିଳା ରୋବଟ୍‌ଟିକୁ ବେଶ୍ ପସନ୍ଦ କରିଛନ୍ତି ।



## ବହି ଦୋକାନୀଙ୍କ ନିଆରା ନିୟମ

# ପଢ଼ି ନ ଥିବା ପୁସ୍ତକ ପାଇଁ ଅତିରିକ୍ତ ଟଙ୍କା

ଅନେକ ଲୋକ ବହି କିଣନ୍ତି କିନ୍ତୁ ତା'କୁ ସମ୍ପୂର୍ଣ୍ଣ ପଢ଼ି ନ ଥାନ୍ତି । ଲୋକଙ୍କର ଏହି ଅଧା ବହିପଢ଼ା ଅଭ୍ୟାସକୁ ଦୃଷ୍ଟିରେ ରଖି ଜଣେ ବହି ଦୋକାନୀ ଗ୍ରାହକଙ୍କ ପାଇଁ ନିଆରା ନିୟମ ଲାଗୁ କରିଛନ୍ତି । ଉକ୍ତ ଦୋକାନରେ ବହି କିଣୁଥିବା ଗ୍ରାହକଙ୍କୁ ଦୁଇ ପ୍ରକାର ନିୟମରେ ପୁସ୍ତକ ପ୍ରଦାନ କରାଯାଏ । ପ୍ରଥମତଃ ବହିର ମୂଲ୍ୟ ଯେତିକି ଟଙ୍କା, ଗ୍ରାହକ ସେତିକି ଟଙ୍କା ଦେଇ କିଣିବେ । ନଚେତ୍ ସମ୍ପୂର୍ଣ୍ଣ ବହି ପଢ଼ିବା କଥା ଦାବି କଲେ, ବହି ଉପରେ ରିହାତି ମିଳିବ । ଅନ୍ୟପଟେ ବହି କିଣିଥିବା ଲୋକ ଜଣକ ଯଦି ଏହାକୁ ଦୁଇ ମାସ ମଧ୍ୟରେ ନ ପଢ଼ିଲେ ତେବେ ଗ୍ରାହକଙ୍କୁ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିବ । ତେବେ ବହି କିଣୁଥିବା ଗ୍ରାହକ ସତରେ ବହି ପଢୁଛନ୍ତି କି ନାହିଁ, ତାହା ଜାଣିବା ପାଇଁ ଦୋକାନୀ ଜଣକ ପ୍ରତ୍ୟେକ ବହିର ପଛ ପାର୍ଶ୍ୱରେ ଏକ ମାଇକ୍ରୋ ଚିପ୍ ଲଗାଇଛନ୍ତି । ଏହି ଚିପ୍ ପାଠକଙ୍କ ବହି ପଢ଼ାଭ୍ୟାସକୁ ଟ୍ରାକ୍ କରିଥାଏ । ଯଦି ଗ୍ରାହକ ଜଣକ ଦୁଇ ମାସ ମଧ୍ୟରେ ବହିପଢ଼ା ଶେଷ ନ କରନ୍ତି, ସେମାନଙ୍କୁ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିବ ବୋଲି ଏକ ଇମେଲ୍ ପ୍ରେରଣ କରାଯାଏ । ବହି ଦୋକାନୀଙ୍କ ଏହି ନିୟମ ଏବେ ଗ୍ରାହକଙ୍କ ଉପରେ ପ୍ରଭାବ ପକାଉଥିବାର ଦେଖାଯାଉଛି । ତେବେ ଏଠାରେ ଗ୍ରାହକଙ୍କ ଉପରେ ବହିପଢ଼ାକୁ ନେଇ କୌଣସି ଚାପ ପ୍ରୟୋଗ କରାଯାଉ ନ ଥିବା ଦୋକାନ ମାଲିକ କହିଛନ୍ତି । ଏହି ଦୋକାନର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ କମେଡିଆନ୍ ସାମି ବ୍ରୋନୋଓସ୍କି ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ଅନ୍ୟପଟେ କେତେକ ଲୋକ ଉକ୍ତ ବହି ଦୋକାନର ଏହି ନିୟମକୁ ମିଛ ବୋଲି ମଧ୍ୟ ଭାବୁଛନ୍ତି ।

# ଘରେ ରଖନ୍ତୁନି ଏସବୁ ଜିନିଷ

ଘରେ ଭଙ୍ଗା ଚେୟାର, ଟେବୁଲ, ଭଙ୍ଗା ଦର୍ପଣ, ଖରାପ ହୋଇଯାଇଥିବା ବିଦ୍ୟୁତ୍ ଉପକରଣ, ଅଚଳ ଘଣ୍ଟା, ଲୁହା କବାଟ ଇତ୍ୟାଦି ବାସ୍ତୁଦୋଷ ସୃଷ୍ଟି କରିଥାଏ । ତେବେ ଏହି ଜିନିଷଗୁଡ଼ିକୁ ନ ଫୋପାଡ଼ି ଦାନ କରିଦେବା ଦରକାର । ବିଶେଷକରି ଏଭଳି ଜିନିଷଗୁଡ଼ିକୁ ଶନିବାର ଦିନ ବାହାର କରିଦେବା ଆବଶ୍ୟକ । ଏହାଦ୍ୱାରା ଘର ସଫାସୁତୁରା ଦେଖାଯିବା ସହ ସୁଖ, ସୌଭାଗ୍ୟ ବୃଦ୍ଧିପାଏ ।

- ଭଙ୍ଗା ବାସନକୁ ବାସ୍ତୁ ଶାସ୍ତ୍ରରେ ଶୁଭଙ୍କର ନୁହେଁ ବୋଲି କୁହାଯାଇଛି । ଯେଉଁ ଘରେ ଏଭଳି ଜିନିଷ ରଖାଯାଏ, ସେଠାରେ ବାସ୍ତୁଦୋଷ ସୃଷ୍ଟି ହୋଇଥାଏ । ଏଭଳି ବାସନକୁ ତୁରନ୍ତ ହଟେଇ ଦେବା ଆବଶ୍ୟକ । ସେହିଭଳି ମଣିଷ ଭଲ ବାସନରେ ଖାଇବା ଦ୍ୱାରା ମନରେ ସକାରାତ୍ମକ ଭାବନା ଆସିଥାଏ ।
- ଅନେକ ଲୋକ ଅଦରକାରୀ ଜିନିଷଗୁଡ଼ିକୁ ଘରର ଗ୍ୟାରେଜ, ଛାତ ଉପରେ , ଶିଡ଼ି ତଳେ ରଖିଥାନ୍ତି । ଏଥିଯୋଗୁଁ ବାସ୍ତୁଦୋଷ ସୃଷ୍ଟି ହୋଇ ପରିବାର ସଦସ୍ୟଙ୍କ ମଧ୍ୟରେ କଳିଝଗଡ଼ା ଲାଗିରୁହେ । ଏହାସହ ଘରେ ଆର୍ଥିକ ସଙ୍କଟ ଦେଖାଦିଏ । ଶନିବାର ଦିନ ଏଭଳି ଜିନିଷ ଘରୁ ବାହାର କରିଦେବା ଦ୍ୱାରା ଦୁର୍ଭାଗ୍ୟ ଚାଲିଯାଏ ବୋଲି ବିଶ୍ୱାସ ରହିଛି ।
- ସେହିଭଳି ଘରେ ଦେବଦେବୀଙ୍କ ଖଣ୍ଡିତ ମୂର୍ତ୍ତି ରଖିବା ଠିକ୍ ନୁହେଁ । ଏଭଳି ମୂର୍ତ୍ତି ଥିଲେ ତୁରନ୍ତ ନଦୀରେ ବିସର୍ଜନ କରିବା ଆବଶ୍ୟକ ।



# ଏମିତି ବି ହୁଏ ପୁଅ ମା'ଙ୍କୁ ନିଜ ଖାଦ୍ୟ ଦେଉଛି, ସାଥୀଙ୍କ ବଳକା ଖାଉଛି

ବିଭିନ୍ନ ସମୟରେ ଭାବବିହ୍ୱଳ କଲାଭଳି ଘଟଣାସବୁ ସାମ୍ନାକୁ ଆସିଥାଏ । ଏହି କ୍ରମରେ ଚୀନ୍‌ର ଜଣେ ୧୨ ବର୍ଷର ବାଳକଙ୍କ କାହାଣୀ କେବଳ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରି ନାହିଁ, ବରଂ ଏଥିପାଇଁ ସେ ଚାରିଆଡୁ ପ୍ରଶଂସା ସାଉଁଟୁଛନ୍ତି । ଚୀନ ହେନାନ୍ ଅଞ୍ଚଳର ଲି ସିବୋ ଜଣେ ପ୍ରାଥମିକ ବିଦ୍ୟାଳୟର ଛାତ୍ର । ସେ ସ୍କୁଲର ମଧ୍ୟାହ୍ନ ଭୋଜନ ନିଜେ ଖାଇ ନ ଥାନ୍ତି । ଏହି ଖାଦ୍ୟକୁ ସେ ତାଙ୍କ ମାନସିକ ବିକାରଗ୍ରସ୍ତ ମା'ଙ୍କୁ ଦେଇଥାନ୍ତି । ସେ ଏଭଳି କରୁଥିବା ତାଙ୍କର ଜଣେ ସ୍କୁଲ ଶିକ୍ଷକ ଦେଖିବା ପରେ ଏହି ଘଟଣାଟି ସାମ୍ନାକୁ ଆସିଛି । ସିବୋଙ୍କ ସ୍କୁଲ ଗେଟ୍ ବାହାରେ ନିୟମିତ ତାଙ୍କ ମା' ଛିଡ଼ା ହୋଇଥାନ୍ତି ଏବଂ ସେ ତାଙ୍କୁ ନେଇ ମଧ୍ୟାହ୍ନ ଭୋଜନ ଦେଇଥାନ୍ତି । ତେବେ ଗତ ଅକ୍ଟୋବର ୧୪ରେ କ୍ଲାସ୍ ଆରମ୍ଭ ବେଳେ ସ୍କୁଲ ଶିକ୍ଷକ ୱାଙ୍ଗ୍ ସିବୋଙ୍କୁ ଦେଖି ନ ଥିଲେ । ସେ ତାଙ୍କୁ ଖୋଜିବାରୁ ଏଭଳି ଘଟଣା ତାଙ୍କ ନଜରକୁ ଆସିଥିଲା । ଏହି ଦୃଶ୍ୟ ତାଙ୍କୁ ଗଭୀର ମର୍ମାହତ କରିଥିଲା । ସେହିପରି ଗେଟ୍ ବାହାରେ ମା' ଖାଦ୍ୟ ଖାଇ ଖୁସି ହେଉଥିବା ସିବୋ ସ୍କୁଲ ଭିତରୁ ଥାଇ ଦେଖୁଥିଲେ । ସ୍କୁଲର ମଧ୍ୟାହ୍ନ ଭୋଜନ ନିଜ ମା'ଙ୍କୁ ଦେଉଥିବାରୁ କାଳେ ତାଙ୍କୁ ତାଗିଦ୍ କରାଯିବ, ସେଥିପାଇଁ ସିବୋ ଶିକ୍ଷକ ୱାଙ୍ଗଙ୍କୁ ଦେଖି ପଳାଉ ଥିଲେ । କିନ୍ତୁ ତାଙ୍କର ଏଭଳି କାର୍ଯ୍ୟକୁ ଦେଖି ୱାଙ୍ଗ୍ ତାଙ୍କର ଖୁବ୍ ପ୍ରଶଂସା କରିଥିଲେ । ୱାଙ୍ଗ୍ ଏହାର ଏକ ଭିଡିଓ କରିଛନ୍ତି ଏବଂ ଏହାକୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି । ସିବୋ ନିଜ ମଧ୍ୟାହ୍ନ ଭୋଜନ ମା'ଙ୍କୁ ଦେଉଥିବା ବେଳେ ତାଙ୍କ ସହପାଠୀଙ୍କ ବଳକା ଖାଦ୍ୟକୁ ସେ ଖାଆନ୍ତି । ଏପରିକି ତାଙ୍କ ମଧ୍ୟାହ୍ନଭୋଜନ କେବଳ ପାଣିରେ ଚଳିଯିବା କଥା ସେ କହନ୍ତି । ସିବୋଙ୍କର ମଧ୍ୟ ସାମାନ୍ୟ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ରହିଛି । ସେ ତାଙ୍କ ମା' ଓ ବଡ଼ ଭଉଣୀଙ୍କ ସହ ରହନ୍ତି । ଏହା ସହ ସିବୋଙ୍କର ଶଯ୍ୟାଶାୟୀ ଜେଜେମା ବି ଅଛନ୍ତି । କିଛି ବର୍ଷ ତଳେ ଏକ କାର୍ ଦୁର୍ଘଟଣାରେ ସିବୋ ତାଙ୍କ ବାପାଙ୍କୁ ହରାଇଛନ୍ତି । ତାଙ୍କ ପରିବାରକୁ ସରକାରୀ ସହାୟତା ମିଳୁଥିବା ବେଳେ ତାଙ୍କ ମଉସା ଓ ମାଉସୀ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିଥାନ୍ତି ।



## ଆଜିର ରାଶିଫଳ

**ମେଷ:** ମନ ଭାରାକ୍ରାନ୍ତ ରହିପାରେ । ପରୋପକାରରେ ସମୟ ବିତିବ । ବ୍ୟବସାୟରେ ଆଶାତୀତ ଲାଭ ମିଳିପାରେ । ନିଜକୁ ଖୁସି ଦେବା ପରି କାମ କରିବା ଭଲ । ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**ବୃଷ:** ମହିଳାମାନେ ସାମାଜିକ କାର୍ଯ୍ୟରେ ସମୟ ଅତିବାହିତ କରିବେ । ରକ୍ତଚାପ ସମସ୍ୟା ରହିବ । ପିଲାମାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତିତ ରହିପାରନ୍ତି । ପରିବାରରେ ସହଯୋଗ ମିଳିବ ।

**ମିଥୁନ:** ଆଜି ଦିନଟିରେ ଚଳଚଞ୍ଚଳରେ ରହିବେ । ଆଶା କରିଥିବା ଦିଗରୁ ହତାଶ ହୋଇପାରନ୍ତି । ଘର ପାଇଁ ନୂତନ ସାମଗ୍ରୀ କ୍ରୟ କରିପାରନ୍ତି । ନିବେଶରୁ ଲାଭ ମିଳିପାରେ । ଆୟ ଅନୁସାରେ ବ୍ୟୟ ଅଧିକ ହେବ ।

**କର୍କଟ:** ବ୍ୟସ୍ତତା ମଧ୍ୟରେ ଦିନ କଟିବ । ଦାମ୍ପତ୍ୟ ଜୀବନରେ ତିକ୍ତତା ସୃଷ୍ଟି ହୋଇପାରେ । ଆତ୍ମସନ୍ତୋଷ ମିଳିବ । ଦୀର୍ଘ ଦିନରୁ ଲାଗିରହିଥିବା ସମସ୍ୟାର ସମାଧାନ ହେବ ।

**ସିଂହ:** ସରକାରୀ କାମରେ ବିଳମ୍ବ ହୋଇପାରେ । ଆର୍ଥିକାବସ୍ଥାରେ ସୁଧାର ଆସିବ । ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ନିମନ୍ତେ ଯୋଜନା କରିବେ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି । ଉଚ୍ଚବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ ।

**କନ୍ୟା:** ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିପାରନ୍ତି । ଗଣ୍ଠିଜନିତ ସମସ୍ୟା ଭୋଗିପାରନ୍ତି । ହାତେ ମାପି ଚାଖଣ୍ଡେ ଚାଲିବା ଭଲ । ପରିସ୍ଥିତି ଜଟିଳ ହେଲେ ବି ଧୈର୍ଯ୍ୟହରା ହୁଅନ୍ତୁନି ।

**ତୁଳା:** ଉପରିସ୍ଥ ଅଧିକାରୀଙ୍କ ସହଯୋଗ ମିଳିପାରେ । ଆଳସ୍ୟ ବଢ଼ିବ । ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇ ମଧ୍ୟରେ କଳହ ସୃଷ୍ଟି ହେବ । କୋର୍ଟ କଚେରୀ ମାମଲାରୁ ବିଜୟ ହେବେ ।

**ବିଛା:** ପରିବାରରେ ହସଖୁସି ଲାଗି ରହିବ । ପ୍ରେମ ବ୍ୟାପାରରେ ବିଫଳ ହୋଇପାରନ୍ତି । ମହିଳାମାନେ ଅଳଙ୍କାର କିଣିବାକୁ ମନ ବଳାଇବେ । ନୂତନ ନିଯୁକ୍ତି ପାଇଁ ପ୍ରୟାସ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ ।

**ଧନୁ:** ପଡ଼ୋଶୀଙ୍କ ସହ ଯୁକ୍ତିତର୍କ କରନ୍ତୁନି । ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ନ୍ତୁ । ବ୍ୟକ୍ତିଗତ କଥାକୁ କାହା ସହ ସେୟାର କରନ୍ତୁନି । ମହିଳାମାନେ ଦିନସାରା ବ୍ୟସ୍ତ ରହିପାରନ୍ତି ।

**ମକର:** ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରାଯୋଗ ରହିଛି । ପତି-ପତ୍ନୀଙ୍କ ମଧ୍ୟରେ କଳହ ଉପୁଜିପାରେ । ଗୁରୁଜନଙ୍କ କଥାମାନି ସବୁକାମ କରିବା ଭଲ । ଗ୍ରହ ଖଣ୍ଡନ ପାଇଁ ଦାନ ଧର୍ମ କରନ୍ତୁ ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ପିଲାଙ୍କ କୃତିତ୍ୱରେ ବାପା ମା' ଖୁସି ଅନୁଭବ କରିବେ । କୌଣସି କଥାକୁ ନେଇ ଆଜି ମନ ବିଚଳିତ ରହିପାରେ ।

**ମୀନ:** ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ । ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ । ମହିଳାଙ୍କ ପାଇଁ ଦିନଟି ଏତେ ଭଲ ନୁହେଁ । ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବେ ।

### ପୁଣି ଚର୍ଚ୍ଚାରେ ବାଲିଗୁଡ଼ା ବ୍ଲକ ଦୁର୍ନୀତି

# ଅଧିକାରୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ

**ଫୁଲବାଣୀ,୭।୧୧(ସମିସ)**

କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକରେ ହୋଇଥିବା ମହାଦୁର୍ନୀତି ମାମଲାରେ ହେବ କାର୍ଯ୍ୟାନୁଷ୍ଠାନ। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ସେମାନଙ୍କ ପାଖରୁ ସରକାରଙ୍କ ଅର୍ଥ ଅସୁଲ ହୋଇଛି କି ନାହିଁ ତାହା ଉପରେ ରିପୋର୍ଟତଲବ କରିଛନ୍ତି ସରକାର। ଏଥିସହ ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହିତ ଚଳିତ ମାସ ୧୫ତାରିଖ ସୁଦ୍ଧା ଘଟଣାର ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ସରକାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଗତ ୧ତାରିଖରେ ଚିଠି ନଂ ୮୭୮୧ରେ ଜିଲ୍ଲାପାଳଙ୍କୁ ଏହି ଘଟଣା ଉପରେ ରିପୋର୍ଟ ତଲବ କରିଛନ୍ତି। ବାଲିଗୁଡା ବ୍ଲକରେ ଜାତୀୟ ପରିବାର ସହାୟତା ଯୋଜନା(ଏନ୍‌ଏଫବିଏ)ରେ ୭୫ଲକ୍ଷ ୩୦ହଜାର ଟଙ୍କାର ଦୁର୍ନୀତି ହୋଇଥିଲା। ଅଡିଟ ରିପୋର୍ଟ ଅନୁସାରେ ଏଥିରେ ସାମିଲ ଥିବା ଅଧିକାରୀଙ୍କ ନିକଟରୁ ଅର୍ଥ ଆଦାୟ କରି ସରକାରଙ୍କୁ ଫେରାଇବା ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ୨୦୨୨ମସିହା ନଭେମ୍ବର ୩୧ତାରିଖରେ ଚିଠି ନଂ ୩୦୯୪, ୨୦୨୩ ମାର୍ଚ୍ଚ ୨୮ତାରିଖରେ ଚିଠି ନଂ ୨୬୧୮ ଏବଂ ମାର୍ଚ୍ଚ ୩୦ତାରିଖରେ ଚିଠି ନଂ୨୭୦୬ରେ ବାରମ୍ବାର ଚିଠି ଜାରି ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ କୌଣସି ଉତ୍ତର ଦିଆଯାଇନଥିବା ଜଣାପଡିଛି। ତୁରନ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଠାରୁ ଉକ୍ତ ଅର୍ଥ ଆଦାୟ କରିବା ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସନ୍ତା ୧୫ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଦୁର୍ନିତିରେ ଲିପ୍ତ ଅଧିକାରୀଙ୍କ ଉପରେ ଏବେ ଚଡକ ପଡିଛି। ପୂର୍ବରୁ ଏହି ଦୁର୍ନୀତିର ମୂଳ କୁହା ଯାଉଥିବା

**୧୫ ତାରିଖ ସୁଦ୍ଧା ରିପୋର୍ଟ ମାଗିଲେ ସରକାର**

ପୂର୍ବତନ ଏଲଏସଇଓ/ବିଏସ୍‌ଏସ୍‌ଓଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ତେବେ ସେମାନଙ୍କ ଠାରୁ କୌଣସି ଅର୍ଥ ଅସୁଲ କରାଯାଇନାହିଁ। ସେପଟେ ଏହି ଦୁର୍ନତୀରେ ସାମିଲ ଥିବା ଅନ୍ୟମାନଙ୍କ ଉପରେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କି ସେମାନଙ୍କ ଠାରୁ ଅର୍ଥ ଭରଣା କରାଯାଇନାହିଁ।

ବାଲିଗୁଡ଼ା ବ୍ଲକ୍‌ରେ ଲୋକାଲ୍ ଫଣ୍ଡ ଅଡିଟ୍ ଚିଠି ନଂ.୨୮୬/୨୭.୨.୨୧୭ରେ ଓ.ଏ.ପି(ବାର୍ଦ୍ଧକ୍ୟ ଭତ୍ତା), ଏନ୍.ଏଫ୍.ବି.ଏ (ଜାତୀୟ ପରିବାର ସହାୟତା ଯୋଜନା) ଯୋଜନାରେ କୋଟିଏରୁ ଅଧିକ ଟଙ୍କା ହଡପ ନେଇ ବାଲିଗୁଡ଼ା ଥାନାରେ କିଛି ଅଧିକାରୀ ଓ କର୍ମଚାରୀଙ୍କ ନାମରେ ମାମଲା ହୋଇଛି। କିନ୍ତୁ ଇତି ମଧ୍ୟରେ ୬ବର୍ଷ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କେବଳ ଏଲ୍‌ଏସିଓ ଅମୃତା ମିଶ୍ରଙ୍କୁ ବହିଷ୍କାର କରାଯାଇଛି। ଘଟଣାରେ ସାମିଲ ଥିବା ବିଡ଼ିଓ, କ୍ୟାସିୟର ଓ ହେଡ଼ କ୍ଲର୍କଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ଆସୁଥିବା ଟଙ୍କାକୁ ବାଲିଗୁଡ଼ା ବ୍ଲକ୍‌ର ପୂର୍ବତନ ଏଲ୍‌ଏସିଓ ଅମୃତା ମିଶ୍ର, ପୂର୍ବତନ କୋଷାଧ୍ୟକ୍ଷ ସତ୍ୟନାରାୟଣ ସାହୁ, ବରିଷ୍ଠ କିରାଣୀ ତଥା ଆକାଉଣ୍ଟାଣ୍ଟ ପ୍ରକାଶ ଚନ୍ଦ୍ର ସାହୁ ଏବଂ ପୂର୍ବତନ ବିଡିଓ ଶୁଭେନ୍ଦ୍ର କୁମାର ସାମଲ, ପୂର୍ବତନ ଆକାଉଣ୍ଟାଣ୍ଟ ଜୟଦେବ କହଁର ୨୦୦୯ ରୁ ୨୦୧୭ ଆର୍ଥିକ ବର୍ଷରେ କୋଟିଏରୁ ଊର୍ଦ୍ଧ୍ୱର୍ ଟଙ୍କା ହଡ୍‌ପ କରିଥିବା ସ୍ୱତନ୍ତ୍ର ଅଡ଼ିଟ ରିପୋର୍ଟରେ ପ୍ରକାଶ ପାଇଥିଲା। ପୂର୍ବତନ ଏଲଏସଇଓ ଅମୃତା ମିଶ୍ରଙ୍କ ନାମରେ ୧୯ଲକ୍ଷ ୭୨ହଜାର ୫୫୩ଟଙ୍କା, ବାଲିଗୁଡ଼ା ପୂର୍ବତନ କ୍ୟାସିୟର ସତ୍ୟନାରାୟଣ ସାହୁଙ୍କ ନାମରେ ୧୭ଲକ୍ଷ ୮୪ହଜାର୧୫୪ଟଙ୍କା, ଆକାଉଣ୍ଟାଣ୍ଟ ପ୍ରକାଶ ଚନ୍ଦ୍ର ସାହୁଙ୍କ ନାମରେ ୧୧ ଲକ୍ଷ ୩୦ହଜାର ଟଙ୍କା, ପୂର୍ବତନ ବିଡ଼ିଓ ଶୁଭେନ୍ଦୁ କୁମାର ସାମଲଙ୍କ ନାମରେ୧୭ଲକ୍ଷ ୧୪ହଜାର ୧୫୫ଟଙ୍କା ଓ ବାଲିଗୁଡ଼ା ପୂର୍ବତନ ହେଡ଼ କ୍ଲର୍କ ଜୟଦେବ କହଁରଙ୍କ ନାମରେ ୭ଲକ୍ଷ ୧୪ହଜାର ୧୫୪ଟଙ୍କା ହଡ଼ପ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ସେହିପରି ୪ଜଣ ପୂର୍ବତନ ବିଡ଼ିଓଙ୍କ ନାମରେ ମଧ୍ୟ ଟଙ୍କା ହଡ଼ପ ଅଭିଯୋଗ ହୋଇଥିଲା। ତେବେ ପୂର୍ବତନ ବିଡ଼ିଓ ପ୍ରମୋଦ କୁମାର ପୁଷ୍ଟି, ରବି ନାରାୟଣ ସାହୁ ଓ ସରୋଜ କୁମାର ମିଶ୍ର ନାମରେ ଥିବା ଟଙ୍କା ସେମାନେ ଇତି ମଧ୍ୟରେ ଫେରାଇ ସାରିଥିବା ଜଣାପଡିଛି।

**● ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



**ନୂଆଗଡ଼,୭।୧୧(ସମିସ):** ଗଜପତି ଜିଲ୍ଲା ସେରଙ୍ଗ ଥାନା ଖଜୁରୀପଦା ଫାଣ୍ଡି ଅନ୍ତର୍ଗତ ନୁଆଗଡ଼ ବ୍ଲକ ସଦର ମହକୁମାରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ନୂତନ ଭାବେ ନିର୍ମାଣାଧୀନ କୋଠାରେ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସୂଚନା ଅନୁସାରେ ବୁଧବାର ରାତିରେ ଏହି ଘଟଣା ଘଟିଥିବା ବେଳେ କିଛି ଲୋକେ ଦେଖି ଖଜୁରିପଦା ପୁଲିସ ଫାଣ୍ଡିକୁ ଜଣାଇଥିଲେ। ମୃତ ଯୁବକ ପୁରୀ ଜିଲ୍ଲା କାକଟପୁର ଗ୍ରାମର ପପୁନ ସେନାପତି(୧୯) ବୋଲି ଜଣାପଡ଼ିଛି। ଗୁରୁବାର ସକାଳେ ପରିବାର ଲୋକେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ପୁଅକୁ ଦେଖିଥିଲେ। ମୃତ ଶରୀରର ପାଦ ଭୂମିରେ ଲାଗିଥିବା ଏବଂ ପାରିପାର୍ଶ୍ୱିକ ସ୍ଥିତି ଦେଖି ତାଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଥିବା ଲିଖିତ ଭାବେ ଫାଣ୍ଡିରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ଏସଡିପିଓ ମାଧବା ଚନ୍ଦ୍ର ନାୟକ, ସେରଙ୍ଗ ଥାନା ଅଧିକାରୀ ନଳିନୀ କୁମାରି କହଁର ଏବଂ ଏହାର ତଦନ୍ତ ଦାୟିତ୍ୱରେ ଥିବା ଖଜୁରୀପଦା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଜାଗାରାଙ୍ଗା ସମେତ ସିଏଣ୍ଟିଫିକ ଟିମ ପହଞ୍ଚି ମୃତଦେହ ଜବତ କରିଥିଲେ। ସେରଙ୍ଗ ଥାନାରେ ଏସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ପାରଳାଖେମୁଣ୍ଡି ପଠାଯାଇଥିବା ଖଜୁରୀପଦା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ୧୫ ଏକର ବେଆଇନ ଗଞ୍ଜେଇ ଗଛ ନଷ୍ଟ



**ବାଲିଗୁଡା,୭।୧୧(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପୁଲିସ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି। ପାଟ୍ରୋଲି ବ୍ୟବସ୍ଥାକୁ କଡାକଡି କରିବା ସହିତ ଗୁଇନ୍ଦା ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ଉ ମଧ୍ୟ ଜାରି ରଖିଛି। ଏଭଳି ସ୍ଥିତିରେ ବାଲିଗୁଡା ପୁଲିସକୁ ଆଉ ଏକ ସଫଳତା ମିଳିଛି। ବାଲିଗୁଡା ଥାନା ସିନ୍ଦ୍ରିଗାଁ ନିକଟସ୍ଥ ଜଙ୍ଗଲରୁ ୧୫ ଏକର ଜମିରେ ବେଆଇନ ଭାବେ ହୋଇଥିବା ଗଞ୍ଜେଇ ଚାଷ ଗଛକୁ ନଷ୍ଟ କରାଯାଇଛି। ଗୁରୁବାର ବାଲିଗୁଡା ପୁଲିସ ପକ୍ଷରୁ ଗୁଇନ୍ଦା ଖବର ପାଇ ସିନ୍ଦ୍ରିଗାଁ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ କରାଯାଇଥିବା ଏକର ଏକର ଗଞ୍ଜେଇ ଗଛକୁ କଟାଯାଇଛି। ମାଜିଷ୍ଟ୍ରେଟ ହରେକୃଷ୍ଣ ରାଉତ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ୧୫ ଏକର ବେଆଇନ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

## ବାଇକ୍ ସହ ୧୩୨ କିଲୋ ଗଞ୍ଜେଇ ଜବତ; ୨ ଗିରଫ

**ଫିରିଙ୍ଗିଆ,୭।୧୧(ସମିସ):** କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ବାଇକ ସହ ଏକ କୁଇଣ୍ଟାଲ ୩୨ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ୨ଜଣ ଆନ୍ତଃଜିଲ୍ଲା ଗଞ୍ଜେଇ ମାଫିଆଙ୍କୁ



ଗିରଫ କରାଯାଇଛି। ଗିରଫ୨ ଜଣ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଧାନଖଣ୍ଡି ଗାଁର କୈଳାଶ ନାଏକ ଓ କଣ୍ଟାମାଳ ଥାନା ବଡ଼ଝାରମୁଣ୍ଡା ଗାଁର ସଞ୍ଜୟ କୁମାର ପ୍ରଧାନ। ପୁଲିସର ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଚ୍ଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ସହ ଏକ ଟିମ ଲୋଇସିଂହ ଠାରୁ ଘାଟୁଲ ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବାଇକରେ ଗିରଫ ୨ ଜଣ ଗଞ୍ଜେଇ ଧରି ଆସୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ଏହି ଘଟଣାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତ ମାଫିଆ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଦିନିକିଆ ଗସ୍ତରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ

## ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ସଚିବ

**ପାରଳାଖେମୁଣ୍ଡି,୭ ।୧୧(ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁଭା ଶର୍ମା ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବୁଲି ଦେଖିବା ସହିତ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ପ୍ରମୁଖ ସଚିବ ସମୀକ୍ଷା କରିଥିଲେ। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଶିଶୁ ବିକଶ ଯୋଜନା, ସୁଭଦ୍ରା ଯୋଜନା, ପାନୀୟ ଜଳ, ସ୍ୱଚ୍ଛ ଭାରତ ମିଶନ୍, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ବିଦ୍ୟୁତ୍‌କରଣ, ନଦୀ ବନ୍ଧ ଯୋଜନା ସମେତ ସମସ୍ତ ଲାଇନ୍ ବିଭାଗର ଯୋଜନା ସମ୍ପର୍କରେ ସମୀକ୍ଷା କରି ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କୁ ଭଲରେ ଶିକ୍ଷା ଦାନ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପ୍ରଥମେ ମୋହନା ବ୍ଲକର ଲୁହାଗୁଡ଼ି ପଞ୍ଚାୟତ ସ୍ଥିତ ଆଦିବାସୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହିତ ଆଲେଚନା କରିଥିଲେ। ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ବିକାଶ ମୂଳକ ଯୋଜନା ତଥା ଦକ୍ଷତା ବିକାଶ କେନ୍ଦ୍ର, ବିୟୁଟି ପାର୍ଲର, ସିଲେଇ କେନ୍ଦ୍ର, ଖୁଚୁରା ଦୋକାନ ଓ ସୁଭଦ୍ରା ଯୋଜନାର ହିତାଧିକାରୀ ଓ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହିତ ଆଲୋଚନା କରିଥିଲେ। ଚାନ୍ଦିପୁଟ ପଞ୍ଚାୟତ ପରିଦର୍ଶନ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିଏମ ଜନମନ ଗୃହ ଓ ମଡେଲ ଅଙ୍ଗବାଡ଼ି କେନ୍ଦ୍ର ପରିଦର୍ଶନ କରି ଆଲୋଚନା କରିଥିଲେ। ସେହିପରି ଆର.ଉଦୟଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ଡୁମ୍ବା ସ୍ଥିତ ଗ୍ରାମୀଣ ପାର୍କ ଓ ମିଶନ ଶକ୍ତି କାଫେ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ରାୟଗଡ ବ୍ଲକ ଅନ୍ତର୍ଗତ ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ ଆଶ୍ରମ ସ୍କୁଲ ଓ ଉକ୍ତ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷା ବ୍ଲକ୍ ତଥା ଆର.ଉଦୟଗିରି ଓ ଗୁମ୍ମା ବ୍ଲକର କାର୍ଯ୍ୟକାରୀ ହେଉଥିବା ବିକାଶ ମୂଳକ ଯୋଜନା ଉପରେ ମଧ୍ୟ ସମୀକ୍ଷା କରିଥିଲେ।

ବୈଠକରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼. ଗୁଣନିଧି ନାୟକ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ଅଲ୍ଲୀ, ସାମାଜିକ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦୁଇବର୍ଷ ପରେ ରାସ୍ତା କାମ ଆରମ୍ଭ



**ପାରଳାଖେମୁଣ୍ଡି,୭ ।୧୧(ସମିସ):** ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ରାଜଦାଣ୍ଡ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛ। ହେଲେ ଏହା ବ୍ୟାପକ ଅନିୟମିତତାରେ ହେଉଥିବା ଅଭିଯୋଗ ହେଉଛି । ପ୍ରକାଶ ଯେ, ଉଲ୍ଲେଖିତ ରାସ୍ତାର ଦୁଇ ବର୍ଷ ହେଲା ରାସ୍ତା ନିର୍ମାଣ କରାଯାଉ ନ ଥିଲା । ପ୍ରତି ବର୍ଷ ରଥଯାତ୍ରା ପୂର୍ବରୁ ରାସ୍ତାର ମରାମତି କରାଯାଉଥିଲେ ହେଁ ଚଳିତ ବର୍ଷ କୌଣସି କାମ ହୋଇ ନ ଥିଲା। ସେତେବେଳେ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପୌରପ୍ରଶାସନ ଯାତ୍ରାର କିଛି ଦିନ ପୂର୍ବରୁ ରାତି ଅଧିଆ କାମ ଆରମ୍ଭ କରିଥିଲା। ହେଲେ ସେତେବେଳେ ବିରୋଧ କରାଯିବାରୁ ରାସ୍ତା କାମ ବନ୍ଦ ହୋଇଯାଇଥିଲା । ଏହାପରେ ବୁଧବାର ରାତିରେ ପୁଣି କାମ ଆରମ୍ଭ ହୋଇଛି। ହେଲେ ରାସ୍ତାକୁ ନ ଖୋଳି ସିଧାସଳଖ ପିଚୁ ଗୋଡି ପକାଇ ରୋଲର କରାଯାଉଛି। ଗୋଟିଏ ଥର ବର୍ଷା ହେଲେ ଧୋଇ ହୋଇ ଖାଲଖମାରେ ପରିଣତ ହେବାର ଆଶଙ୍କା ରହିଛି । ଏପରି ହେଲେ ଲକ୍ଷ ଲକ୍ଷ ଟଙ୍କା ପୁଣି ନଷ୍ଟ ହେବ ବୋଲି ଚର୍ଚ୍ଚା ହେଉଛି।

### ୨ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ

## ଦୀର୍ଘଦିନ ଧରି କ୍ୱାର୍ଟର୍ସ ନିର୍ମାଣ ସମ୍ପୂର୍ଣ୍ଣ ହେଉ ନ ଥିବାରୁ କ୍ଷୋଭ

**ଜି.ଉଦୟଗିରି,୭ ।୧୧(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗ୍ରେସିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଭାବେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ରତିକାନ୍ତ ସାହୁ, ବିଧାୟକ ପ୍ରତିନିଧି ମଧୁଲିନା ଦିଗାଲ, ପୂର୍ବତନ ନଗର କଂଗ୍ରେସ ସଭାପତି ଗଗନ କୁମାର ପ୍ରଧାନ, ବରିଷ୍ଠ କଂଗ୍ରେସ କର୍ମୀ/ ଆରକେଏସ ସଦସ୍ୟ ରମାକାନ୍ତ ମହାପାତ୍ର, ଯୁବ ନେତା ଶସାନନ୍ଦ ପ୍ରଧାନ, କଂଗ୍ରେସ କର୍ମୀ ଅଜିତ ନାୟକ, ଧନୁର୍ଜୟ କହଁର, ରାଜେଶ ସାହୁଙ୍କ ସମେତ ଆରଡି, ପିଡବ୍ଲୁ, ପିଏଚଡି, ଶିକ୍ଷା ବିଭାଗର କର୍ମଚାରୀଙ୍କ ସମେତ ଗୋଷ୍ଠୀ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ଅର୍ଦ୍ଧନିର୍ମିତ ଗୃହ, ବିଶେଷଜ୍ଞ ଡାକ୍ତର, ରକ୍ତ ଭଣ୍ଡାର, ପାନୀୟ ଜଳ, ଟ୍ରମା କେୟାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ବୈଠକ ପରେ ବିଧାୟକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଦୀର୍ଘ ବର୍ଷ ହେଲା ପରିସରରେ ନିର୍ମାଣ ଚାଲିଥିବା କ୍ୱାର୍ଟର୍ସ ଅର୍ଦ୍ଧନିର୍ମିତରେ ପଡି ରହିବା ଦେଖି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ।



## ‘ଅଭିନେତ୍ରୀ’ ପାଇଁ ପ୍ରସ୍ତୁତି ଆରମ୍ଭ



**ଫୁଲବାଣୀ,୭।୧୧(ସମିସ):** କନ୍ଧମାଳ ଜିଲ୍ଲାର ନାଟ୍ୟ ଅନୁଷ୍ଠାନ ବନାନୀ କଳା ସଙ୍ଗମ ପକ୍ଷରୁ ୨୧ ତମ ନାଟକ “ଅଭି ନେତ୍ରୀ’ଚଳିତ ମାସ ଶେଷ ସପ୍ତାହରେ ଫୁଲବାଣୀର ସଭା ଘରରେ ଦୁଇଦିନ ଧରି ମଞ୍ଚସ୍ଥ ହେବ। ଏଥିପାଇଁ ବୁଧବାର ବନାନୀରେ ଅବସରପ୍ରାପ୍ତ କମାଣ୍ଡାଣ୍ଟ ତଥା ବରିଷ୍ଠ କଳାକାର ନବୀନ କିଶୋର ପଣ୍ଡା, ସାଧାରଣ ସମ୍ପାଦକ ସୁନୀଲ ପଟନାୟକଙ୍କ ଦ୍ୱାରା ନାଟକବହି ପୂଜା ଅନୁଷ୍ଠିତ ହୋଇଥିଲା। ପରେ କଳାକାରଙ୍କ ଦ୍ୱାରା ଅଭ୍ୟାସ ଆରମ୍ଭ ହୋଇଥିଲା। ଲିଙ୍ଗରାଜ ନାହାକଙ୍କ ଦ୍ୱାରା ଲିଖିତ “ଅଭିନେତ୍ରୀ’ଏକ ସାମାଜିକ ନାଟକ। ବନାନୀ କଳା ସଙ୍ଗମ ସଭାପତି ଡ଼. ଅରୂପ ଜେନା, ସାଧାରଣ ସମ୍ପାଦକ ସୁନୀଲ ପଟ୍ଟନାୟକ, ସଂଗଠନ ସମ୍ପାଦକ ଅଶୋକ ପରିଡା ଯୋଗ ଦେଇ ନାଟକର ସଫଳତା କାମନା କରିଥିଲେ। ସେହିପରି ନାଟକର ବିଭିନ୍ନ ଭୂମିକାରେ ଯୁଧିଷ୍ଠିର ମହାନ୍ତି, ବିଭୁତି ପଣ୍ଡା, ସୁକାନ୍ତ ବେହେରା, ସୁର ପ୍ରସାଦ ନାୟକ, ନବୀନ କିଶୋର ପଣ୍ଡା, ବିନୋଦ ସାହୁ ଅଭିନୟ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିରଜା ପ୍ରସାଦ ନାହାକ ଓ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ। ନାଟକର ନିର୍ଦ୍ଦେଶନା ଦେଉଛନ୍ତି ଡ଼.ଅରୂପ ଜେନା, ପ୍ରଭାତ କୁମାର ଦାସଓ ବିଜୟ ପଟ୍ଟନାୟକ।

## ମଦ ଢାଳିଲେ, ରନ୍ଧା ଉପକରଣ ଉଠାଇ ଆଣିଲେ

**ଜି.ଉଦୟଗିରି,୭ ।୧୧(ସମିସ):** ଯେତେ ଚେତାବନୀ ଦେଲେ ମଧ୍ୟ ବନ୍ଦ ହେଉନି ବେଆଇନ ମଦ ବିକ୍ରି ଓ ମଦ ରନ୍ଧା।୨ଦିନ ହେଲା ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେବା ସହିତ ୭ ବ୍ୟାରେଲ ପୋଚ ଜବତ କରିଥିଲେ। ଗୁରୁବାର ବିଭିନ୍ନ ସ୍ଥାନରେ ରନ୍ଧା ହେଉଥିବା ଦେଶୀ ମଦକୁ ଢାଳିବା ସହିତ ମଦ ରାନ୍ଧିବାରେ ବ୍ୟବହୃତ ସରଞ୍ଜାମ ଉଠାଇ ଆଣି ପୁଲିସ ଜିମା ଦେଇଛନ୍ତି ଦୁଗୁଡି ପଦାସାହିର ଉଦୟ ଜ୍ୟୋତି ମହିଳା ମହାସଂଘ। ଅଞ୍ଚଳରେ ଦିନକୁ ଦିନ ଚୋରି ଓ ପାରିବାରିକ କଳହ ବଢିବା ସହିତ ଅବକାରୀ ବିଭାଗର ନିଷ୍କ୍ରିୟତାରେ ଅତିଷ୍ଠ ହୋଇ ମଦ ବିରୋଧୀ ଆନ୍ଦୋଳନ ଆରମ୍ଭ କରିଥିଲେ ମହିଳା।

# ଅବ୍ୟବସ୍ଥାରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**କାଶୀନଗର,୭।୧୧(ସମିସ)**

ଗଜପତି ଜିଲ୍ଲା କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ହେଉଛି। ମୁଖ୍ୟତଃ ଏଠାରେ ଜଣେ ବି ବିଶେଷଜ୍ଞ ଡାକ୍ତର ନାହାନ୍ତି। କେବଳ ୬ ଜଣ ଏମବିବିଏସ୍ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ୬ ଜଣଙ୍କ ମଧ୍ୟରେ ଜଣେ ମେଡିକାଲ୍ ଅଫିସର ଇନଚାର୍ଜ ଦାୟିତ୍ୱରେ ଥିବା ଯୋଗୁ ସେ ଚିକିତ୍ସା କରିପାରୁନାହାନ୍ତି। ଏହାଛଡା କାର୍ଯ୍ୟରତ ଡାକ୍ତରମାନେ କୌଣସି କାରଣରୁ ଛୁଟିରେ ରହିଲେ ଆୟୁର୍ବେଦିକ ବା ହୋମିଓପାଥିକ ଡାକ୍ତରଙ୍କୁ ଆଉଟଡୋରରେ ବସି ରୋଗୀଙ୍କ ପାଇଁ ଏଲୋପାଥି ଔଷଧର ନିଦାନପତ୍ର ଲେଖିବାକୁ ପଡୁଛି । ବିଶେଷ କରି କୌଣସି ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ନ ଥିବାରୁ ଗର୍ଭବତୀ ମହିଳାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ୨ଜଣ ମହିଳା ଡାକ୍ତର ଥିଲେ ବି ସେମାନେ ବିଶେଷଜ୍ଞ ହୋଇ ନ ଥିବାରୁ ପ୍ରସବ ପାଇଁ ଆସୁଥିବା ମହିଳା ଆମ୍ବୁଲାନ୍ସରୁ ଓହ୍ଲାଇବା ପୂର୍ବରୁ ହିଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସେମାନଙ୍କୁ ରେଫେର କରିଦିଆ ଯାଉଛି ବୋଲି ପ୍ରଭାବିତ ହେଉଛନ୍ତି। ଏହାଛଡା ଡେଣ୍ଟାଲ ସର୍ଜନଙ୍କ ବଦଳି ପରେ ଉକ୍ତ ପଦ ଖାଲି ପଡିଥିବା କାରଣରୁ ଦନ୍ତ ଚିକିତ୍ସା ପାଇଁ ଥିବା ଯନ୍ତ୍ରପାତିର ସଦୁପଯୋଗ ହୋଇ ପାରୁନାହି। ସେହିପରି ରକ୍ତ ପରୀକ୍ଷା କେନ୍ଦ୍ରର କର୍ମଚାରୀଙ୍କୁ ମଧ୍ୟ ବଦଳି ହୋଇଯାଇଥିବା ଯୋଗୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ବାହାରେ ଥିବା ବେସରକାରୀ

**ହନ୍ତସନ୍ତ ହେଉଛନ୍ତି ଚିକିତ୍ସାରୁ ବଞ୍ଚିତ ରୋଗୀ**



ପରୀକ୍ଷା କେନ୍ଦ୍ରରେ ରକ୍ତ ପରୀକ୍ଷା କରି ଅସୁବିଧା ହେବାକୁ ପଡୁଥିବା ନେଇ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତରଙ୍କ ପାଇଁ ବିଶ୍ରାମ ଗୃହ ନ ଥିବା ଯୋଗୁଁ ରାତ୍ରି ଡ୍ୟୁଟିରେ ଥିବା ଡାକ୍ତର କ୍ୱାର୍ଟର୍ସରେ ରହିବାକୁ ବାଧ ହେଉଛନ୍ତି । ଏଥିଯୋଗୁଁ ଜରୁରୀ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଛି । ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ବି କମିବାରେ ଲାଗିଛି। ଆଗରୁ ଦୈନିକ ପ୍ରାୟ ୨୦୦ ରୋଗୀ ଆସୁଥିବା ବେଳେ ବର୍ତ୍ତମାନ ତାହା ୫୦ରୁ ୬୦କୁ ଖସି ଆସିଛି। ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନବନିର୍ମିତ କୋଠା ନିର୍ମାଣର ବର୍ଷେ ପରେ ବି ସମ୍ପୂର୍ଣ୍ଣ ପାରୁନାହିଁ। ମଙ୍ଗଳବାର ଚିକିତ୍ସାଳୟକୁ ଆସୁଥିବା ବହୁ ରୋଗୀଙ୍କୁ ଔଷଧ ବିତରଣ କେନ୍ଦ୍ର ବନ୍ଦ ରହିଥିବା ଯୋଗୁ ଘଣ୍ଟା ଘଣ୍ଟା ବାହାରେ ଅପେକ୍ଷା କରିବାକୁ ପଡ଼ିଥିଲା। ଦୀର୍ଘ ସମୟ ପରେ ଫାର୍ମାସିଷ୍ଟ ଜଣକ ଆସି ରୋଗୀଙ୍କୁ ଔଷଧ ବିତରଣ କରିଥିଲେ। ପ୍ରକାଶ ଯୋଗ୍ୟ ଯେ , ବର୍ତ୍ତମାନ ଜଣେ ହିଁ ଫାର୍ମାସିଷ୍ଟ ଉଭୟ ଔଷଧ ବିତରଣ ଓ ଭଣ୍ଡାର ଗୃହ ଦାୟିତ୍ୱରେ ରହିଥିବା ଯୋଗୁ ଏହିପରି ଅସୁବିଧା ହେଉଥିବା ନେଇ କାର୍ଯ୍ୟରତ ଫାର୍ମାସିଷ୍ଟ କହିଛନ୍ତି। ସରକାର ବଦଳିଲେ ତା ସହିତ ବ୍ୟବସ୍ଥା ବଦଳି ଯାଏନାହିଁ। ବ୍ୟବସ୍ଥାରେ ପରିବର୍ତ୍ତନ ନଆସିବା ପର୍ଯ୍ୟନ୍ତ ଜନସ୍ୱାର୍ଥର ଅନୁକୂଳରେ ଶାସନିକ ପଦକ୍ଷେପ ଆଶା କରିବା ବିଡମ୍ବନା ମାତ୍ର। କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ପାଇଁ ସରକାର ଓ ଗଜପତି ଜିଲ୍ଲା ପ୍ରଶାସନ ଜରୁରୀ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିବା ସହ ଯଦି ପ୍ରଶାସନ ନୀରିବଦ୍ରଷ୍ଟା ସାଜେ ତେବେ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର କହିଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱ ଯମେଶ୍ୱର କହଲସିଂହ

ସାହିତ୍ୟିକ ଓ ଶିକ୍ଷାବିତ
ଲୋକିପୁର, ଗଡ଼ମାଣିତିର, ଖୋର୍ଦ୍ଧା
ଆବିର୍ଭାବ- ୧୮.୦୮.୧୯୪୭
ତିରୋଧାନ - ୧୯.୧୧.୨୦୨୩

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁଅବୋହୂ -ରତିକାନ୍ତ, ମିନାକ୍ଷୀ, ନିଶିକାନ୍ତ, ସ୍ୱପ୍ନପ୍ରଭା, ଶୁଭକାନ୍ତ, ଶୁଭଶ୍ରୀ, ସୀତାକାନ୍ତ, ଲିପି, ଶଶିକାନ୍ତ, ରୁନୁ, ସୌମ୍ୟକାନ୍ତ, ସ୍ନେହା, ନାତୁଣୀନାତି -ଲିଟି, ରିକି ସ୍ୱିଟି, ପ୍ରାଚୀ, ଟୁଟୁନା, ଟିଟି, ବିଭୁ ଓ ପ୍ରଭୁ ପରିବାରବର୍ଗ

## ପୁଲିସର ଟ୍ରାଫିକ ସଚେତନତା



**ସାନଖେମୁଣ୍ଡି,୭ ।୧୧(ସମିସ):** ପାଟପୁର ପୁଲିସ ପକ୍ଷରୁ ଗୁରୁବାର ଆସିକା - ଦିଗପହଣ୍ଡି ମୁଖ୍ୟ ରାସ୍ତା ଚିନ୍ତାଖୋଲି ଛକ ନିକଟରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯେଉଁ ବାଇକ ଚାଳକମାନେ ହେଲମେଟ୍ ପିନ୍ଧିଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଥିଲା। ଯେଉଁମାନେ ହେଲମେଟ୍ ପିନ୍ଧି ନ ଥିଲେ, ତିନିଜଣ ମିଶି ମୋଟର ସାଇକେଲରେ ଯିବା ଆସିବା କରୁଥିଲେ ସେମାନଙ୍କୁ ଟ୍ରାଫିକ ସଚେତନତା ଲିଫ୍‌ଲେଟ ପ୍ରଦାନ କରି ଟ୍ରାଫିକ ଆଇନ ପାଳନକରି ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ପାଟପୁର ଥାନା ଏସ ଆଇ ଶ୍ରୀନିବାସ ଦାସ, କନେଷ୍ଟବଳ ହେମନ୍ତ ସାହୁ, ମୋନାଲିସା ମଲ୍ଲିକ, ମଧୁସୂଦନ ମଲ୍ଲିକ, ଶିବରଞ୍ଜନ ତ୍ରିପାଠୀ, ଚକ୍ରଧର ମହାରଣା, ତପନ ରାଉତ, ମୃତ୍ୟୁଞ୍ଜୟ ମୁଦୁଲି, ଗଦାଧର ମହାରଣା, ଏକାଦଶୀ ପରିଡ଼ା, ରମେଶ ସ୍ୱାଇଁ ବାଇକ ଚାଳକଙ୍କୁ ଟ୍ରାଫିକ ଆଇନ ବ୍ୟବସ୍ଥା ଉପରେ ସଚେତନ କରାଇଥିଲେ।

## ବନ ବିଭାଗ ଚଢ଼ଉ; ୨୭ ଖଣ୍ଡ କାଠ ଜବତ



**ବେଲଗୁଣ୍ଠା,୭ ।୧୧(ସମିସ):** ଏକ ଡାଲା ଅଟୋରେ ଶାଳ ଗଣ୍ଡି ଚାଲାଣ ହେଉଥିବାବେଳେ ବେଲଗୁଣ୍ଠା ବନବିଭାଗ ସ୍ଥାନୀୟ ପୁଲିସ୍ ମିଳିତ ଭାବେ ଚଢ଼ଉ କରି ଶାଳ କାଠ ସହିତ ସଂପୃକ୍ତ ଅଟୋକୁ ଜବତ କରିଛି। ବୁଧବାର ରାତିରେ ଏକ ଡାଲା ଅଟୋରେ ବେଲଗୁଣ୍ଠା ପଟୁ ବ୍ରହ୍ମପୁରକୁ ଶାଗୁଆନ୍ କାଠ ଚାଲାଣ ହେଉଥିବା ଖବର ପାଇ ବେଲଗୁଣ୍ଠା ସେକ୍ସନ୍ ବନପାଳ ଜି.ଭେଙ୍କଟ ରାଓ ଦୋରା ଏବଂ ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବେଲଗୁଣ୍ଠା ବନବିଭାଗ ଏବଂ ପୁଲିସ୍ ବେଲଗୁଣ୍ଠା ନିକଟରେ ମିଳିତ ଚଢ଼ଉ କରି ଡାଲା ଅଟୋକୁ ଜବତ କରି ସେଥିରୁ ୨୭ ଖଣ୍ଡ ଶାଳ ଗଣ୍ଡି ଜବତ କରିଥିଲେ ଓ ଜବତ ଶାଳ ଗଣ୍ଡିର ମୂଲ୍ୟ ଆନୁମାନିକ ଲକ୍ଷାଧିକ ଟଙ୍କା ହେବ ଓ ଅଟୋ ଚାଳକ ଖସି ଯାଇଥିବା ବେଳେ ତାକୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ବନପାଳ ଶ୍ରୀ ଦୋରା କହିଛନ୍ତି। ଏହି ଚଢ଼ଉରେ ରେଞ୍ଜ ଅଫିସର୍ ସୁଜାତା ରାଣୀ ପଣ୍ଡା, ବନରକ୍ଷୀ ସୀମାଞ୍ଚଳ ମିଶ୍ର, ଶ୍ରୀମନ୍ ପ୍ରଧାନ, ପ୍ରିୟଙ୍କା ପାଳ, ଫରେଷ୍ଟ ସ୍କ୍ୱାର୍ଡ ଏବଂ ବେଲଗୁଣ୍ଠା ପୁଲିସ୍ ବାହିନୀ ସାମିଲ୍ ଥିଲେ ଓ ବନ ବିଭାଗ ଏବଂ ପୁଲିସ୍ ବିଭାଗର ଏହି ଚଢ଼ାଉ ପରେ ଅଞ୍ଚଳରେ କାଠ ମାଫିଆଙ୍କ ମଧ୍ୟରେ ଛନକା ପଶି ଯାଇଛି।

### ଜମିକୁ ପାଣି ଯୋଗାଇବା ଲାଗି ପ୍ରଶାସନର ବୈଠକ

# ବର୍ଷା ଅଭାବରୁ ବାଧାପ୍ରାପ୍ତ ହେବନି ଚାଷ କାମ

**ଛତ୍ରପୁର,୭ ।୧୧(ସମିସ)**



ଚଳିତ ବର୍ଷ ଖରିଫ୍ ଋତୁର ଧାନ କିଣା ପ୍ରକ୍ରିୟା ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଚାଷୀଙ୍କ ଠାରୁ ଧାନ କିଣିବା ସମୟରେ ଏଫ୍.ଏ.କ୍ୟୁ ମାନର ଧାନ କିଣାଯିବ। ଚାଷୀ ଯେଉଁଳି ସଠିକ ଏଫ.ଏ.କ୍ୟୁ ଧାନ ବିକ୍ରି କରିବା ସକାଶେ ମଣ୍ଡିକୁ ଧାନ ଆଣିବେ, ସେଥି ସକାଶେ ସଚେତନତା ପ୍ରକ୍ରିୟା କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧାନ କ୍ରୟ ସମୟରେ କଟନି ଛଟନି ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ଚାଷୀଙ୍କୁ ସଚେତନ କରାଇ କିଭଳି ଉନ୍ନତମାନର ଧାନ ବିକ୍ରି କରିବାକୁ ମଣ୍ଡିକୁ ଧାନ ଆଣିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱ ଆରୋପ କରାଯାଇଛି। ତେବେ ଅଭାବୀ ବର୍ଷା ଯୋଗୁଁ ଚାଷୀଙ୍କ ଧାନ ଅମଳରେ ବାଧା ଦେଖାଯାଉଥିବା ଚାଷୀକୁଳ ପ୍ରଶାସନକୁ ଜଣାଇଛନ୍ତି। ଏହାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ଶ୍ରୀ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଜିଲ୍ଲାପାଳଙ୍କ ସମ୍ଭାବନା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସୁପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା କୃଷି ବିଭାଗ, ଉଠା ଜଳ ସେଚନ ବିଭାଗ, ପାଣି ପଞ୍ଚାୟତ, ଟିପିଏସଓଡିଏଲ୍ ଇତ୍ୟାଦି ବିଭାଗର ସମନ୍ୱୟ ବୈଠକରେ କୁହାଯାଇଛି । ଚଳିତ ବର୍ଷ ଅଭାବୀ ବର୍ଷା ଯୋଗୁଁ ଚାଷୀକୁଳଙ୍କ ଧାନ ଚାଷରେ ସମସ୍ୟା ଦେଖାଦେବ। ପାଣି ଅଭାବରୁ ଧାନ ଅମଳର ମାନ ସଠିକ ରହିବ ନାହିଁ। ଚାଷ ଯଦି ବଞ୍ଚିବ ନାହିଁ ଚାଷୀ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ଚାଷ କାର୍ଯ୍ୟ ସକାଶେ ଚାଷ ପାଇଁ ଜମିରେ ପାଣିର ଶେଷ ପର୍ଯ୍ୟାୟ ପାଣି ଯୋଗାଇବା ଆବଶ୍ୟକ ପଡୁଛି। ଏହି ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଦଶ ପ୍ରତିଶତ ପାଣି ଛାଡିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଥାଶୀଘ୍ର ନିର୍ଦ୍ଧାରିତ ତାରିଖ ଘୋଷଣା କରି ଅବିଳମ୍ବେ ପାଣି ଛାଡିବାକୁ କୁହାଯାଇଛି । ଗତ ବର୍ଷ ଏହି ସମୟରେ ସୋରଡା ଘାଇରେ ୩୬ ପ୍ରତିଶତ ଜଳ ଥିଲା । ବର୍ତ୍ତମାନ ୨୫ ପ୍ରତିଶତ ଜଳ ରହିଛି। ହରଭଙ୍ଗୀରେ ପାଞ୍ଚ ପ୍ରତିଶତ ଏହିଭଳି କମ୍ ଜଳ ରହିଛି, ତେଣୁ ପାଣିର ସଦ୍ ବିନିଯୋଗ ଯେପରି ହେବ ସେହି ଦିଗରେ ଦୃଷ୍ଟି ଦେବାକୁ କୁହାଯାଇଛି। ବର୍ଷାଜଳ ରିପୋର୍ଟକୁ ଦେଖାଗଲେ ସମଗ୍ର ଜିଲ୍ଲାର ତଥ୍ୟ ଅନୁସାରେ ସେପ୍ଟେମ୍ବର ମାସରେ ସାଧାରଣ ୨୨୧.୪ ବର୍ଷା ହେଉଥିବା ସ୍ଥଳେ ୧୮୪.୮୨ ବର୍ଷା ହୋଇଛି, ଯାହାକି ୧୭ ପ୍ରତିଶତ କମ୍ । ଅକ୍ଟୋବର ମାସରେ ୧୮୭.୯ ସାଧାରଣ ବର୍ଷା ହେବା ସ୍ଥଳେ ୫୭.୫୯ ବର୍ଷା ହୋଇଛି । ଯାହାକି ୬୯ ପ୍ରତିଶତ କମ୍ ଏବଂ ନଭେମ୍ବର ମାସର ଆଜିସୁଦ୍ଧା ୬୨.୫ ସାଧାରଣ ବର୍ଷା ହେବା ସ୍ଥଳେ ମାତ୍ର ୦.୨୭ ବର୍ଷା ରେକର୍ଡ କରାଯାଇଛି। ଯାହାକି ଶତକଡା ୧୦୦ ପ୍ରତିଶତ କମ୍ । ଡ୍ୟାମରୁ ପାଣି ଛଡାଯିବ। ଚାଷୀକୁଳ ଯେପରି ଉପକୃତ ହେବେ ସେମାନେ ଯେମିତି ପାଣି ନଷ୍ଟ କରିବେ ନାହିଁ ସେଥିପ୍ରତି ସଜାଗ ରହିବାକୁ କୁହାଯାଇଛି। ସମ୍ପ୍ରତି କମ୍ୟୁନିଟି ନିକଟରେ ଦୁଇ ହଜାର ପଏଣ୍ଟ ରହିଥିବା ବେଳେ ବୋରୱେଲରେ ୫ ହଜାର ପଏଣ୍ଟ ରହିଛି । ବ୍ୟକ୍ତିଗତ ଭାବେ ୩ ହଜାର ପାଖାପାଖି ବୋରଓ୍ୱେଲ ରହିଛି ଏବଂ କ୍ଷୁଦ୍ର ଜଳ ସେଚନ ବିଭାଗ ଠାରେ ୧୦୮୫ ଟି ରହିଛି । ସବୁ ଗୁଡିକ ସଠିକ କାର୍ଯ୍ୟକ୍ଷମ କରାଗଲେ ଚାଷ ଜମିକୁ ପାଣି ପହଞ୍ଚିବ ଏବଂ ଚାଷ କାର୍ଯ୍ୟ ସଠିକ ହେବ । ଅନେକ ଉଠା ଜଳ ସେଚନ ରହିଛି କିନ୍ତୁ ସେମାନେ ବିଦ୍ୟୁତ ଦେୟ ପୈଠ କରିନଥିବା ହେତୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଅଛି। ଏଥି ନିମନ୍ତେ ଟିପିଏସ୍‌ଓଡିଏଲ୍ ଅଧିକାରୀ ଅବଗତ କରାଇଛନ୍ତି ଯେ, ଗତ ତିନି ବର୍ଷର ବିଦ୍ୟୁତ୍ ବକେୟା ପୈଠ କରିଦିଆଗଲେ ସେମାନଙ୍କ ଉଠାଜଳ ସେଚନ ପଏଣ୍ଟ ଗୁଡିକୁ ବିଦ୍ୟୁତ୍ ସଂଯୋଗ କରିଦିଆଯିବ। ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, କ୍ଷୁଦ୍ର ଜଳ ସେଚନ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଟିପିଏସଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦନ ଦାଶ, ଟିପିଏସଓଡିଏଲ୍ ଏକଜିକ୍ୟୁଟ ଇଞ୍ଜିନିୟର ରାକେଶ ପାତ୍ର, ଉଦ୍ୟାନ ବିଭାଗୀୟ ଉପନିର୍ଦ୍ଦେଶକ ଡ. କଣ୍ଡା ଜେନା, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସୁଜିତ୍ କେ ନାଥ, ସହକାରୀ ମୃତ୍ତିକ ସଂରକ୍ଷଣ ଅଧିକାରୀ ମୋନାଲିସା ହୋତା ପ୍ରମୁଖ ଉପସ୍ଥିତ ଥିଲେ।





ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଛଟ୍ ପୂଜା

ଫଟୋ- ସକାଳ

## ୟୁସିପି ଇଞ୍ଜିନିୟରିଂ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

- ଜଣେ ଯୁବକଙ୍କ ନାଁରେ ଆସିଲା ବ୍ଲାକମେଲ କରିବାର ଅଭିଯୋଗ

**ବ୍ରହ୍ମପୁର,୭ ।୧୧(ସମିସ):** ବ୍ରହ୍ମପୁରର ୟୁସିପି ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପ୍ରଥମବର୍ଷରେ ପଢୁଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଜଣଙ୍କ ହେଲେ କବିସୂର୍ଯ୍ୟନଗରର ସଂଯୁକ୍ତା ଦାଶଙ୍କ ଝିଅ ଶ୍ୱେତାପଦ୍ମା ଦାଶ। ଶ୍ୱେତାପଦ୍ମାଙ୍କୁ ସହରର ଜଣେ ଯୁବକ ବ୍ଲାକମେଲ କରିବା ସହ ମାନସିକ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି ଗୁରୁତର ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୁଲିସ ତଦନ୍ତର ଦିଗ ବଦଳାଇଛି। କେଉଁ ପରିସ୍ଥିତିରେ ଶ୍ୱେତାପଦ୍ମାଙ୍କ ମୃତ୍ୟୁ ହେଲା ଏବଂ ସଂପୃକ୍ତ ଯୁବକ ଜଣଙ୍କ ଶ୍ୱେତାପଦ୍ମାଙ୍କ ସହ କେବେଠାରୁ ସମ୍ପର୍କରେ ରହିଥିଲେ। ତାଙ୍କ ମୃତ୍ୟୁ ପଛରେ ଯୁବକଙ୍କ ହାତ ରହିଛି କି ନାହିଁ ସେନେଇ ପୁଲିସ ଖୋଳତାଡ ଜାରି ରଖିଛି। ସୂଚନାପ୍ରକାରେ, ୟୁସିପି ଇଞ୍ଜିନିୟରିଂ ସ୍କୁଲର ଡିପ୍ଲୋମା ପ୍ରଥମବର୍ଷରେ ପଢୁଥିବା ଶ୍ୱେତାପଦ୍ମା ନିଜର ଅନ୍ୟ ୩ଜଣ ସହପାଠୀଙ୍କ ସହ କଲେଜ ନିକଟବର୍ତ୍ତୀ ଅଞ୍ଚଳରେ ଏକ ଭଡା ଘରେ ରହୁଥିଲେ। ଗତକାଲି ସନ୍ଧ୍ୟା ୬ଟା ବେଳେ ଶ୍ୱେତାପଦ୍ମା ବାଥରୁମକୁ ଯାଇ ବାନ୍ତି କରିଥିଲେ। ଏହି ସମୟରେ ତାଙ୍କ ରୁମରେ ଅନ୍ୟ ୩ସହପାଠୀ ଉପସ୍ଥିତ ଥିଲେ। ବାନ୍ତି କରି ଅଚେତ ହୋଇପଡିବା ପରେ ସହପାଠୀମାନେ ଶ୍ୱେତାପଦ୍ମାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତରମାନେ ଶ୍ୱେତାପଦ୍ମାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ବୈଦ୍ୟନାଥପୁର ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶ୍ୱେତାପଦ୍ମାଙ୍କ ଶବ ଜବତ କରିଥିଲା। ସେହିପରି ସହପାଠୀଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ଶ୍ୱେତାପଦ୍ମାଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ। ଶ୍ୱେତାପଦ୍ମା କୌଣସି ବିଷାକ୍ତ ପଦାର୍ଥ ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଘଟଣାକୁ ନେଇ ଶ୍ୱେତାପଦ୍ମାଙ୍କ ପରିବାର ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି। ଲିପନ କୁମାର ସେଠୀ ନାମକ ଜଣେ ଅଣଛାତ୍ର ଅନେକ ସମୟରେ ୟୁସିପି ସ୍କୁଲ ଏବଂ ଭଡାଘର ନିକଟକୁ ଆସି ଶ୍ୱେତାପଦ୍ମାଙ୍କୁ ବ୍ଲାକମେଲ କରୁଥିଲେ। ବିଭିନ୍ନ ସମୟରେ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଏପରିକି ତାଙ୍କ ମୋବାଇଲ ଛଡାଇ ନେଇ ଯାଉଥିଲେ। ତେଣୁ ଶ୍ୱେତାପଦ୍ମାଙ୍କ ମୃତ୍ୟୁ ପଛରେ ଲିପନ କୁମାରଙ୍କ ହାତ ରହିଥିବା ସନ୍ଦେହ ହେଉଥିବାରୁ ସେ ଦିଗରେ ଆବଶ୍ୟକ ତଦନ୍ତ କରିବାକୁ ପରିବାର ଲୋକେ ପୁଲିସକୁ ଅନୁରୋଧ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମୋବାଇଲ୍ ଲୁଟେରାଙ୍କଠାରୁ ଗଞ୍ଜେଇ ଜବତ
## ୨ କେରଳୀ ଯୁବକଙ୍କ ସମେତ ୩ ଗିରଫ



**ବ୍ରହ୍ମପୁର,୭ ।୧୧(ସମିସ):** ରେଳ ଯାତ୍ରୀ ତଥା ରାସ୍ତାରେ ଯାଉଥିବା ଲୋକଙ୍କଠାରୁ ମୋବାଇଲ ଲୁଟ କରୁଥିବା କେରଳର ୨ଯୁବକ ସମେତ ମୋଟ ୩ଅଭିଯୁକ୍ତଙ୍କୁ ଗୋଷାଣୀନୂଆଗାଁ ଥାନା ପୁଲିସ କାବୁ କରିଛି। ସେମାନଙ୍କ ନିକଟରୁ ୨କେଜି ୨୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସେମାନେ ହେଲେ ବ୍ରହ୍ମପୁର ଫାଷ୍ଟଗେଟ ବର୍ମା କଲୋନୀର ହରିଶ୍ଚନ୍ଦ୍ର ବେହେରା(୪୩), କେରଳ ରାଜ୍ୟ ପଠାନମଥିଟା ଜିଲ୍ଲା ପୁଠୁପରମ୍ବୁର'ର ସରଥ୍ ଶଶି(୨୦) ଓ କେରଳ ଆଲାପୁଝା ଜିଲ୍ଲା କଳାଠିଥରର ଅର୍ଜୁର୍ନ୍ନ କେଜି ଓରଫ ଅନୁପ(୨୧)। ଏନେଇ ଗୋଷାଣୀନୂଆଗାଁ ଥାନାରେ ଏକ ମାମଲା(କେସ ନଂ- ୩୧୪/୨୪) ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨.୨ କେଜି ଗଞ୍ଜେଇ, ୩ଟି ମୋବାଇଲ ଓ ଗୋଟିଏ କାତି ଜବତ କରିଛି। ସୂଚନାପ୍ରକାରେ ବ୍ରହ୍ମପୁର ରେଳଷ୍ଟେସନର ୪ନଂ ପ୍ଲାଟଫର୍ମ ଯିବା ରାସ୍ତା ତଥା ଗୋଷାଣୀନୂଆଗାଁ ଗୁଡସସେଡ ରୋଡ ଓଭରବ୍ରିଜ ନିକଟରେ କିଛି ଅଜଣା ଯୁବକ ରାସ୍ତାରେ ଯାଉଥିବା ଯାତ୍ରୀ ତଥା ଲୋକଙ୍କଠାରୁ ମୋବାଇଲ ଫୋନ ଝାମ୍ପି ନେଉଥିବା ଗୋଷାଣୀନୂଆଗାଁ ଥାନା ପୁଲିସକୁ ଖବର ମିଳିଥିଲା।

ସେହିକ୍ରମରେ ଏକ ପୁଲିସ ଟିମ ଘଟଣାସ୍ଥଳରେ ଆଚିର୍କିତ ଚଢଉ କରି କେରଳ ରାଜ୍ୟର ଉପରୋକ୍ତ ୨ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତ ହରିଶ୍ଚନ୍ଦ୍ର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପୁଲିସ ତାକୁ କାବୁ କରିଥିଲା। ତେବେ କାବୁ କରିବା ପରେ ଅଭିଯୁକ୍ତଙ୍କ ନିକଟକୁ ପୁଲିସ ୩ଟି ଜରି ବ୍ୟାଗ ଜବତ କରିଥିଲା। ସେହି ଜରି ବ୍ୟାଗ ଭିତରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଭିଏତନାମ ଅନ୍ତର୍ଜାତୀୟ ସମ୍ମିଳନୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କ ସନ୍ଦର୍ଭ ଉପସ୍ଥାପନା

**ଗୋପାଳପୁର ୭।୧୧(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗର ୬ ଜଣିଆ ଦଳ ଭିଏତନାମର ହୋଚିମିନ୍ ସହର ଠାରେ ସାମାଜିକ ବିଜ୍ଞାନ ଏବଂ ମାନବିକତା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଦି ଏସିୟାନ କଂଗ୍ରେସ ଫୋର ମିଡ଼ିଆ ଏଣ୍ଡ କମ୍ୟୁନିକେସ (ଏସିଏମସି) ଅନ୍ତର୍ଜାତୀୟ ସମ୍ମିଳନୀରେ ଭାଗ ନେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିନିଧି ଦଳରେ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡ. ବନ୍ଦିତା କୁମାରୀ ପଣ୍ଡା ଓ ପିଏଚଡି ଶ୍ରେୟା ବାନାର୍ଜୀ ଯୋଗ ଦେଇ ମହିଳା ସଶକ୍ତୀକରଣ କରଣ ଦକ୍ଷତା ଓ କର୍ମ ନିଯୁକ୍ତି, ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ବନ୍ଦିତା ପଣ୍ଡା ପିଏଚଡି ଛାତ୍ରୀ ଦୀପିକା ମଣ୍ଡଳ ଓଭର ଡ଼ି ଟପ, ବିଭାଗୀୟ ମୁଖ୍ୟ ଡ଼ ପଣ୍ଡା ଏବଂ ପିଜି ଛାତ୍ରୀ ସୁଶ୍ମୀ ମିଶ୍ର ରାମାୟଣ ଏବଂ ଆଦିପୁରୁଷଙ୍କ ଭାରତୀୟ ଚଳଚିତ୍ର ଉପସ୍ଥାପନ କରିଥିଲେ। ସେହିପରି ଆସିଷ୍ଟାଣ୍ଟ ପ୍ରଫେସର ଡ. ନେହା ପାଣ୍ଡେ ରାଜନୈତିକ ବ୍ୟଙ୍ଗ ଓ ଡ. ଚିନୁ ବହିଦାର ଡିଜିଟାଲ ମିଡ଼ିଆ ଉପରେ ସନ୍ଦର୍ଭ ପାଠ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏହି ଦ୍ୱିବାର୍ଷିକ ସମ୍ମିଳନୀର ୧୮ ତମ ସଂସ୍କରଣ ଅକ୍ଟୋବର ୩୧ ରୁ ନଭେମ୍ବର ୨ ପର୍ଯ୍ୟନ୍ତ 'ମାଧ୍ୟମର ନିର୍ମାଣ ଶୈଳୀ ଓ ସୃଜନଶୀଳ ମାଧ୍ୟମ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

**ବ୍ରହ୍ମପୁର,୭ ।୧୧(ସମିସ):** ସ୍ଥାନୀୟ କେ.ସି. ହାଇସ୍କୁଲରେ ଗୁରୁବାର ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ କେ.ସି. ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଶଶାଙ୍କ ଶେଖର ପଣ୍ଡା ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ୩୦ଜଣ ପ୍ରତିଯୋଗୀ ଓ ସେମାନଙ୍କର ଗାଇଡ଼ ଶିକ୍ଷକ/ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ରଘୁନାଥ ଘଡ଼େଇ ଓ ଦୂର୍ଗା ପ୍ରସାଦ ଦାଶ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ଟାଙ୍ଗଣାପଲ୍ଲୀ ସ୍ଥିତ ଏସଏନ ବିଦ୍ୟାପୀଠ ଛାତ୍ର ଅବିନାଶ ବୈଦ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାମୁଣ୍ଡାର ୟୁ.ଏନ୍. ବିଦ୍ୟାପୀଠର ସ୍ୱାଗତିକା ଆରୁଖ ଦ୍ୱିତୀୟ ସ୍ଥାନ ଓ ମଧୁସୂଦନପୁରର କନକ ଦୂର୍ଗା ବିଦ୍ୟାପୀଠର ଲିପିକା ମଞ୍ଜରୀ ଗୌଡ଼ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗରେ ଚଢ଼ିଆପଲ୍ଲୀର ୟୁ.ଜି. ହାଇସ୍କୁଲ ଅଭିଲିପ୍ସା ପଣ୍ଡା ପ୍ରଥମ ସ୍ଥାନ, ମର୍ଦ୍ଦକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହରେଶ ଖଟୁଆ ଦ୍ୱିତୀୟ ସ୍ଥାନ ଓ ଚିକିଟିର ସ୍ଥିତ ଆର୍.ଏଲ୍. ବାଳିକା ଉଚ୍ଚ ବିଦ୍ୟାଳୟ ସୁଲଗ୍ନ ଗୌଡ଼ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନିହାର ରଞ୍ଜନ ଦାଶ ଦୂର୍ଯ୍ୟୋଧନ ବେହେରା, ସୁଧାଂଶୁ ଶେଖର ମୁଦୁଲି ଓ କୁରେଶ କୁମାର ନାୟକଙ୍କ ସମେତ ସ୍କୁଲର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



### ପ୍ରଶାସନିକ ଉଦାସୀନତାର ପ୍ରତିବାଦ

# ଶ୍ରମଦାନ କରି ରାସ୍ତା ନିର୍ମାଣ କଲେ ଆଦିବାସୀ

**ସୋରଡ଼ା,୭ ।୧୧(ସମିସ)**

ଗଞ୍ଜାମ ଜିଲ୍ଲାର ୨କି ମି ରାସ୍ତା ପାଇଁ ଦୁର୍ଦ୍ଦିନରେ ୨ଶହ କନ୍ଧମାଳ ଗ୍ରାମବାସୀ। ଗଞ୍ଜାମ ଜିଲ୍ଲାର ଅନ୍ତିମ ବ୍ଲକ ସୋରଡ଼ା। ଯୋଉଠି ଗୋଟିଏ ପଟେ ଗଜପତି ସହ ମିଶିଛି ତ ଅନ୍ୟପଟେ କନ୍ଧମାଳ ସହ ମିଶିଛି। କନ୍ଧମାଳ ଜିଲ୍ଲାର ଅନ୍ୟ ଏକ ବ୍ଲକ ରାଇକିଆକୁ ଏହି ବ୍ଲକ ସଂଯୋଗ ପାଇଁ ମାତ୍ର ଦୁଇ କିଲୋମିଟର ରାସ୍ତା ଉଭୟ ଜିଲ୍ଲାର ଅନେକ ଦୁର୍ଗମ ବାସୀ ଯଥା ରାଇକିଆ ବ୍ଲକ ରଣବା, କରଡ଼ା, ଇନ୍ଦ୍ରଗଡ଼ ଭଳି ତିନୋଟି ଆଦିବାସୀ ପଞ୍ଚାୟତର ବାଦଗଡ଼, ନୂଆକାନସୁରୁ, ପୁରୁଣା କାନସୁରୁ, ନୂଆଁପଲ୍ଲୀ, ଡେଙ୍ଗାଖମଣ, ବଡ଼ଖମଣ, ଗାନ୍ଧାରୀଭୁଇଁ, ମାଣ୍ଡିଆଖମଣ, ସିକରିଗୁଡା, ସଲପଗୁଡ଼ା, ପାଇକ ଗଣ୍ଡା, ବରଡ଼ା, ଇନ୍ଦ୍ରଗଡ଼,କଙ୍କଡମ୍ବା, ମାଙ୍କଡ଼ଗଣ୍ଡା,ଦାରଜୁ, ଭିତରଯୋଡ଼ି ଭଳି ୨୦୦ ଗ୍ରାମକୁ ସଂଯୁକ୍ତ ହୋଇଛି। ଦୁର୍ଗମ ଅଞ୍ଚଳର



ଜନସାଧାରଣ ପ୍ରତ୍ୟହ ସ୍କୁଲ ଠାରୁ ଆରମ୍ଭ କରି ଦୈନିକ ସଉଦା ହାଟ,ମେଡିକାଲ ଆଦି ପାଇଁ ସୋରଡ଼ା ଉପରେ ନିର୍ଭରଶୀଳ। ଏହି ସମସ୍ତ ଗ୍ରାମକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଉନ୍ନୟନ ବି ଭ । ଗ ତରଫରୁ ସୋରଡ଼ା ଠାରୁ ବି କୋଟିବାଡ଼ି ଦେଇ ଗେଞ୍ଜା ପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇଥିବା ବେଳେ କୋଟିବାଡ଼ି ଠାରେ ମାତ୍ର ଶହେ ମିଟର ଓ ଗେଞ୍ଜା ଠାରୁ ରସଖାଲ ବା ବାଦଗଡ଼ ଘାଟି ପର୍ଯ୍ୟନ୍ତ ମାତ୍ର ଦୁଇ କିଲୋମିଟର ରାସ୍ତାର ନିର୍ମାଣ ଅଭାବରୁ ରାଇକିଆ ଠାରୁ ମାଲଗୁଡା, କରଡ଼ା, ଇନ୍ଦ୍ରଗଡ଼ ଦେଇ ବାଦଗଡ଼ ପର୍ଯ୍ୟନ୍ତ ତିଆରି ହୋଇସାରିଥିବା ଏହି ୪୦ କିଲୋମିଟରର ରାସ୍ତା ଅତି କମ ସମୟରେ ଦୁଇ ବ୍ଲକ ମଧ୍ୟରେ ସଂଯୋଗ ହେଲେ ଅନେକ ଦୁର୍ଗମ ଗ୍ରାମବାସୀ ଉପକୃତ ହୋଇ ପାରିବେ। ଏଣୁ ପ୍ରତିବର୍ଷ ଭଳି ଏହି ଅଞ୍ଚଳର ପ୍ରାୟ ୨୦ ଖଣ୍ଡ ଗ୍ରାମର ମହିଳା ବୃଦ୍ଧ,ବୃଦ୍ଧା କୋଡ଼ି କୋଦାଳ,କାଙ୍କ ଆଦି ଧରି ରାସ୍ତା ନିର୍ମାଣ ସହିତ ନିଜେ ଶ୍ରମ ଦାନ କରି ନିଜ ପାଇଁ ରାସ୍ତା ତିଆରି କରି ପ୍ରତିବାଦ କରିଛନ୍ତି।

## ଯୁବକଙ୍କୁ ଆକ୍ରମଣ; ଜଣେ ଗିରଫ

**ବ୍ରହ୍ମପୁର,୭ ।୧୧(ସମିସ):** ଆକ୍ରମଣ ମାମଲାରେ ବୈଦ୍ୟନଥପୁର ଥାନା ପୁଲିସ୍ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଲ ସାହିର ଜଗତ ବେହେରା(୨୮) ବୋଲି ପୋଲିସ ସୂଚନା ଦେଇଛି।

ସୂଚନା ପ୍ରକାରେ ସୋମବାର ବାପୁନି ସାହୁ ସ୍ଥାନୀୟ ଅରବିନ୍ଦ ନଗର ତୃତୀୟ ଲାଇନର ଗୋଇଲୁଣ୍ଡିସ୍ଥିତ ବନ୍ଧରୁ ଶୌଚ ହେଇ ଘରକୁ ଫେରି ଯାଉଥିଲେ। ଏହି ସମୟରେ ବିଲ ସାହିର ଜଗତ ବେହେରା ସମେତ ୧୦ଜଣ ସହଯୋଗୀ ମିଶି ଆସ୍ଥା ମେଡିକାଲ ନିକଟରେ ପୁର୍ବ ଶତ୍ରୁତାକୁ କେନ୍ଦ୍ର କରି ମାଡ ମାରି ମୁଣ୍ଡ ଫଟାଇ ଦେଇଥିଲେ। ଏନେଇ ବାପୁନି ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜଗତକୁ ପୁଲିସ ବୁଧବାର କୋର୍ଟ ଚାଲାଣ କରିଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଜଗନ୍ନାଥପ୍ରସାଦ,୭ ।୧୧(ସମିସ)



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗୁରୁବାର ଜଗନ୍ନାଥପ୍ରସାଦ ବ୍ଲକ ବିଜେଡି ପକ୍ଷରୁ ପଦଯାତ୍ରା ସହିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇଥିଲେ। ଏହା ବ୍ୟତୀତ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ, ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର, ୨୪ନଂର ଜୋନ ଜିଲ୍ଲା ପରିଷଦ ସଭ୍ୟା ମାନସୀ ସେଠୀ, ୨୩ନଂ ଜୋନ ଜିଲ୍ଲା ପରିଷଦ ପ୍ରତିନିଧି ବସନ୍ତ କୁମାର ପ୍ରଧାନ, ୨୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଶିବ ସେଠୀ, ଚଡ଼ିଆପଲ୍ଲୀ ସରପଞ୍ଚ ସଙ୍ଗୀତା ଆଲତିଆ, ସମିତିସଭ୍ୟ ମନୋଜ ବେହେରା, ପଞ୍ଚଭୂତି ନ୍ୟାୟ ସରପଞ୍ଚ ମାମା ନାଇକ, ବରିଷ୍ଠ ଆଇନଜୀବୀ ଦିବାକର ନାୟକ, ଭଞ୍ଜନଗର ଯୁବ ବିଜେଡି ସଭାପତି ରବୀନ୍ଦ୍ର ପ୍ରଧାନ, ଜଗନ୍ନାଥପ୍ରସାଦ ବିଜେଡି ଯୁବ ସଭାପତି ଶ୍ରୀକାନ୍ତ ଦଳବେହେରା, ଛାତ୍ର ସଭାପତି ବିଭୂତି ଭୂଷଣ ନାୟକ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ଆଇନଜୀବୀ ରଙ୍କନିଧି ପାତ୍ର ମଞ୍ଚ ପରିଚଳନା କରିଥିଲେ। ପୂର୍ବତନ ବିଧାୟକ ଶ୍ରୀ ଆରୁଖ ମତବ୍ୟକ୍ତ କରିଥିଲେ ଜଗନ୍ନାଥ ପ୍ରସାଦ ବ୍ଲକର ଭୌଗଳିକସ୍ଥିତି ତଥା ଅର୍ଥନୈତିକ, ସାମାଜିକ, ଶିକ୍ଷା, ଗମନା ଗମନ, ମହିଳା ସଶକ୍ତିକରଣ, ପାନୀୟ ଜଳ ସମସ୍ୟା କେବଳ ବିଜେଡି ସରକାର ଦ୍ୱାରା ସମ୍ଭବ ହୋଇଛି। କିନ୍ତୁ ବିଜେପି ସରକାର ଜନସାଧରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଖାଇ ନୂତନ ସରକାର ଗଠନ କରିଛି। କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ଜନ ପ୍ରତିନିଧି, ବିଜେଡି କର୍ମୀ ଓ ସହସ୍ରାଧିକ ମହିଳା ସମେତ ବହୁ ବିଜୁପ୍ରେମୀଙ୍କ ଉପସ୍ଥିତ ଥିଲେ।

## ସର୍ଟସର୍କିଟରୁ ବ୍ୟାଙ୍କରେ ଅଗ୍ନିକାଣ୍ଡ




ଜଗନ୍ନାଥପ୍ରସାଦ,୭ ।୧୧(ସମିସ): ଜଗନ୍ନାଥ ପ୍ରସାଦ ବ୍ଲକ ପଞ୍ଚଭୁତି ଗ୍ରାମ ମୁଖ୍ୟ ରାସ୍ତାରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ବୁଧବାର ରାତି ୯.୩୦ରେ ସଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଫଳରେ ବ୍ୟାଙ୍କର କ୍ୟାସ କାଉଣ୍ଟର, ଦୁଇଟି କମ୍ପୁଟର, ଟଙ୍କା ଗଣତି ମେସିନ, ପାସ୍ ବୁକ୍, ପ୍ରିଣ୍ଟର ଓ ଅନ୍ୟାନ୍ୟ କାଗଜପତ୍ର ସମ୍ପୂର୍ଣ୍ଣ ପୋଡି ଯାଇଥିବା ବେଳେ ଗ୍ରାହକଙ୍କ ଟଙ୍କା ଓ ଷ୍ଟ୍ରଙ୍ଗରୁମ ସୁରକ୍ଷିତ ରହିଥିବା ଶାଖା ପରିଚାଳକ କହିଛନ୍ତି। ସୂଚନା ପ୍ରକାରେ ବ୍ୟାଙ୍କଟି ମୁଖ୍ୟ ରାସ୍ତାରେ ଥିବା ବେଳେ ବ୍ୟାଙ୍କ ଭିତରୁ ନିଆଁ ଜଳି ଦୁର୍ଗନ୍ଧ ହେବାରୁ ପାଖ ପଡୋଶୀ ଜାଣିପାରି ବ୍ୟାଙ୍କ କର୍ମଚାରୀଙ୍କୁ ଯୋଗାଯୋଗ କରିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ଶୁଭଶ୍ରୀ ହରିଚନ୍ଦନ ଓ ଅନ୍ୟାନ୍ୟ କର୍ମଚାରୀ ପହଞ୍ଚି ତାଲା ଖୋଲି ଅଗ୍ନି ନିରାପକ ଯନ୍ତ୍ର ଦ୍ୱାରା ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବାହିନୀ, ସ୍ଥାନୀୟ ପୁଲିସ, ସରପଞ୍ଚ ଶ୍ୟାମଘନ ସେଠି,ଏ ଗାନ୍ଧିଜୀ ପାତ୍ର ଏବଂ ଅନ୍ୟାନ୍ୟ ଗ୍ରାମବାସୀ ପହଞ୍ଚି ନିଆଁ ଲିଭାଇବାରେ ସହଯୋଗ କରିଥିଲେ। ଗୁରୁବାର ଆଞ୍ଚଳିକ କାର୍ଯ୍ୟାଳୟ ଫୁଲବାଣୀରୁ ରିଜିଓନାଲ ମ୍ୟାନେଜର ଚାନ୍ଦ କୁମାର ଝା ଓ ମ୍ୟାନେଜର ଆଡମିନ ବାଲାଜୀ ପ୍ରସାଦ ଚୌଧୁରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାହକଙ୍କୁ ଦୁଇ ଦିନ ମଧ୍ୟରେ ବ୍ୟାଙ୍କର ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଶାଖା ପରିଚାଳକ ସୁଶ୍ରୀ ହରିଚନ୍ଦନ କହିଛନ୍ତି।

## ଭଞ୍ଜନଗରରୁ ଚୋରି ବସ୍ ଗଞ୍ଜାମରୁ ଉଦ୍ଧାର

ଛତ୍ରପୁର/ଭଞ୍ଜନଗର,୭ ।୧୧(ସମିସ): ପ୍ରତିଦିନ ଭଳି ଭଞ୍ଜନଗର ବସଷ୍ଟାଣ୍ଡରେ ରାତିରେ ବହୁ ବସ ରହିଥିଲା। ବୁଧବାର ରାତିରେ ମା' ଦୁର୍ଗା ନାମକ ଏକ ଘରୋଇ ବସ ରହିଥିଲା। ହେଲେ ଗୁରୁବାର ସକାଳୁ ଗାଡି ଚାଳକ ଆସି ଦେଖିଲା ବେଳକୁ ବସ ନାହିଁ କେହି ଚୋରି କରି ନେଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ମାଲିକ ଏ. ଶ୍ରୀନିବାସ ଜାଣିବା ପରେ ବସ ସଂଘ ଓ ପୁଲିସକୁ ଅବଗତ କରାଇଥିଲେ। ବସଷ୍ଟାଣ୍ଡରେ ଲାଗିଥିବା ସିସିଟିଭିରୁ ବସଟି ରାତ୍ର ୨. ୪୦ରୁ କେହି ଜଣେ ଚୋରି କରି ନେଉଥିବା ଜଣାପଡିଥିଲା। ଏପରିକି ବସଟି ବେଲଗୁଣ୍ଠା ରାସ୍ତା ଦେଇ ଯାଉଥିବା ସିସିଟିଭିରୁ ଜଣାପଡିଥିଲା। ବହୁ ଖୋଜିଥିଲେ ବି ଜଣାପଡିନଥିଲା, ପରେ ଗଞ୍ଜାମ ଥାନା ଅଧିନ ଅଗସ୍ତି ନୂଆଗାଁ ଟାଟା ମୋଟରରେ ବସ ଟି ରହିଥିବା ନେଇ ଅନ୍ୟ ଏକ ବସ ମାଲିକ ଖବର ଦେଇଥିଲେ। ଘଟଣା ସ୍ଥଳରେ ଭଞ୍ଜନଗର ପୁଲିସ ଓ ମାଲିକ ପହଁଚି ବସଟିକୁ ଉଦ୍ଧାର କରିଥିଲେ। କିନ୍ତୁ ଚୋର ଜଣକ ଗାଡିରୁ ସବୁ ତେଲ କାଡି ନେଇ ଯାଇଥିବା ବେଳେ ବସଟି ଷ୍ଟାଟ ମଧ୍ୟ ହୋଇନଥିଲା। ତେବେ କିଏ ବସଟିକୁ ଭଞ୍ଜନଗରରୁ ଚୋରି କରି ଏଠାକୁ ଆଣିଲା ତାହା ଜଣାପଡ଼ିନଥିବାବେଳେ ପୁଲିସ ତଦନ୍ତ ଜାରି ରଖିଛି।




## ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଖଲ୍ଲିକୋଟ,୭ ।୧୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର କଦଳୀ ବସନ୍ତ ଗ୍ରାମର ଏକ କୂଅ ଭିତରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ମୃତ ବୃଦ୍ଧ ଜଣଙ୍କ ସେହି ଗ୍ରାମର ବାଞ୍ଛା ନାହାକ(୬୫)। ଗୁରୁବାର ସକାଳ ୭ଟାରେ ଗ୍ରାମରେ ଥିବା କୂଅ ଭିତରେ ବୃଦ୍ଧଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଖଲ୍ଲିକୋଟ ଅଗ୍ନିଶମ ସେବା କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ପୁଲିସ ଉପସ୍ଥିତିରେ କୂଅ ଭିତରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଖଲ୍ଲିକୋଟ ଥାନା କେସ ନମ୍ବର ୩୨/୨୦୨୪ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ପୁଲିସ। ବାଞ୍ଛା ନାହାକ ଘରୁ ଗତ ତିନି ଦିନ ହେଲା ନିଖୋଜ ଥିବା ବେଳେ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ନ ହେବା ଏବଂ ଘର ନିକଟରେ ଥିବା କୂଅ ଭିତରୁ ମୃତଦେହ ଉଦ୍ଧାର ହେବା ଘଟଣାକୁ ଅଧିକ ରହସ୍ୟବୃତ୍ତ କରୁଛି। ପୁଲିସ ଘଟଣାର ସଠିକ ତଦନ୍ତ କଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସି ପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ଛତ୍ରପୁର,୭ ।୧୧(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ଛତ୍ରପୁର ବ୍ଲକ ଅନ୍ତର୍ଗତ ବଉଳ ପଞ୍ଚାୟତରେ ଭାଗିରଥିପୁର ଓ ବଉଳଗାଁ ଗ୍ରାମର ଅସହାୟ ବୃଦ୍ଧା ଓ ଏକାକୀ ମହିଳା ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ଯଶୋଦା ଫାଉଣ୍ଡେସନର ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସରପଞ୍ଚ ପ୍ରତିମା ଦାସ, ଶିକ୍ଷାବିତ ଭି. ରାଜେନ୍ଦ୍ର ରାଜୁ, ଚିତ୍ତରଞ୍ଜନ ପଣ୍ଡା, ୱାର୍ଡ ମେମ୍ବର ତ୍ରମ୍ବନାଥ ଦାସ, ବନବାସୀ କଲ୍ୟାଣ ଆଶ୍ରମର ଉପଦେଷ୍ଟା ରମେଶଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବୃଦ୍ଧା ଓ ଏକାକୀ ମହିଳାଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଫାଉଣ୍ଡେସନ୍ର ସୁଦେଷ୍ଣା ସାହୁ ଓ ପୁଷ୍ପାଞ୍ଜଳୀ ସାହୁ ସହଯୋଗ କରିଥିଲେ।

### ଆଜି ବିଶ୍ୱ ରେଡିଓଗ୍ରାଫି ଦିବସ

## ଉପାନ୍ତ ରୋଗୀଙ୍କ ରାହା ରେଡିଓଗ୍ରାଫର୍ ଜିନିୟସ୍

ପାତ୍ରପୁର,୭ ।୧୧(ସମିସ): ଦିନଥିଲା ଗଞ୍ଜାମ ଜିଲ୍ଲା ଉପାନ୍ତ ଅଞ୍ଚଳ ପାତ୍ରପୁର ବ୍ଲକରେ ରେଡିଓଗ୍ରାଫି ନଥିବାରୁ ବହୁ ଅସୁବିଧା ହେଉଥିଲା। ତେବେ ପାତ୍ରପୁରରେ ୨୦୦୬ ମସିହାରେ ଏକ୍ସରେ ମେସିନ ଉପଲବ୍ଧ ରହିଥିଲା। ସେହିପରି ୨୦୨୨ରେ ସରକାରୀ ପାତ୍ରପୁର ମେଡ଼ିକାଲରେ ଡିଜିଟାଲ୍ ଏକ୍ସରେ ସେବା ଆରମ୍ଭ ହୋଇଥିବା ବେଳେ ଦୁଇ ବର୍ଷ ମଧ୍ୟରେ ପାତ୍ରପୁର ମେଡିକାଲରେ ୪୫୨୯ ରୋଗୀ ଏହି ସେବା ପାଇପାରିଛନ୍ତି। ତେବେ ପାତ୍ରପୁରରେ ରହିଥିବା ରେଡ଼ିଓଗ୍ରାଫର୍ ଭାବେ ଜିନୟସ୍ ପରିଡ଼ା ନିୟୋଜିତ ହୋଇଛନ୍ତି। ସେ ୧ ଅଗଷ୍ଟ ୨୦୧୮ରେ ନିୟୋଜିତ ହୋଇଥିବାବେଳେ ତିତ୍ଲି ବାତ୍ୟା ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳରେ ଉତ୍ତମ ସେବା ଯୋଗାଇଥିବାରୁ ତାଙ୍କୁ ମେଡ଼ିକାଲ୍ ତରଫରୁ ସମ୍ମାନୀତ କରାଯାଇଥିଲା। ଉପାନ୍ତର ଏହି ବ୍ଲକର ସାହାଭରଷା କହିଲେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଝାଏ। ଦୁଃଖର ବିଷୟ ଜଣେ ମାତ୍ର ରେଡ଼ିଓଗ୍ରାଫର ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ରହିଥିବାରୁ ରାତ୍ରି ତଥା ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ସେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଅନ୍ୟ ଏକ ରେଡ଼ିଓଗ୍ରାଫରଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି ହୋଇଛି।



### ● କେନାଲରେ ଆସୁନି ପାଣି; ଚାଷକାର୍ଯ୍ୟରେ ବାଧାପ୍ରାପ୍ତ

## ପାଣି ଛାଡ଼ିବା ଲାଗି ଚାଷୀଙ୍କ ଦାବି

ଛତ୍ରପୁର,୭ ।୧୧(ସମିସ)



ଗଞ୍ଜାମ ଜିଲ୍ଲାର ଅଧିକାଂଶ ଜମି ବର୍ଷା ଜଳ ଉପରେ ନିର୍ଭରଶୀଳ ଥିବାରୁ ଠିକଣା ସମୟରେ ବର୍ଷା ନ ହେଲେ ମରୁଡ଼ି ତଥା ଫସଲ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଥାଏ। ସେହିପରି କେନାଲ ଭରସାରେ ଚାଷୀ ରହିଥିଲେ ସୁଦ୍ଧା ଠିକଣା ସମୟରେ ପାଣି ଛଡ଼ା ଯାଉନି। ଚାଷକାର୍ଯ୍ୟ ଓ ଫସଲ ଅମଳ ବାଧାପ୍ରାପ୍ତ ହେଉଛି। ଅମଳ ସମୟରେ ଯେମିତି ଭଗବାନ ଦାଉ ସାଜୁଥିବା ବିଗତ ବର୍ଷଗୁଡ଼ିକରେ ଦେଖାଯାଇଛି ଚଳିତ ବର୍ଷ ମଧ୍ୟ ଅମଳ ସମୟରେ ପୁଣି ସେହି ଦୁର୍ଦ୍ଦଶା ଦେଖିବାକୁ ମିଳିଛି। ଏବେ ଫସଲ ଭଲ ହୋଇଥିବାବେଳେ ଫସଲକୁ ଦେଖି ଯେତିକି ଚାଷୀ ଖୁସି ତାଠୁ ବର୍ଷା ଅଭାବ ସେତିକି ଦୁଃଖ ଅନୁଭବ କରୁଛି। ଚାଷୀ ଏବେ ଅସହାୟ ହୋଇ କିଏ ଆକାଶକୁ ଚାହିଁ ବସିଛି ତ ଆଉ କିଏ କେନାଲ ପାଣି ଆସିବ ଅନେଇ ବସିଛନ୍ତି। ସେପଟେ ଚାଷୀଙ୍କ ସୁବିଧା ନିମନ୍ତେ ଗଞ୍ଜାମ ଜିଲ୍ଲା ବିଜେପି କରାପଲ୍ଲୀ ମଣ୍ଡଳ କୃଷକ ମୋର୍ଚ୍ଚା ତରଫରୁ ୧୧ନଂ କେନାଲ୍ରେ ପାଣି ଛାଡିବା ଦାବି ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରସ୍ଥ ହୋଇଛନ୍ତି। ଏହା ସହିତ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି, ୧୧ନଂ କେନାଲରେ ଗତ ଦଶହରା ପୂର୍ବଠାରୁ ଏ ଯାବତ୍ ପାଣି ଆସିନାହିଁ। ବର୍ତ୍ତମାନ ଧାନରେ ଫୁଲ ଓ କ୍ଷୀର ଧରିବା ସମୟ। ଏଣୁ ଏହି ସମୟରେ ବିଲରେ ପର୍ଯ୍ୟାପ୍ତ ପରିମାଣ ପାଣି ନ ରହିଲେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ସବୁ ବିଲ ଶୁଖିଲା ଅଛି ଏଣୁ ଏହାର ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ସହ କେନାଲରେ ପାଣି ଛାଡିବା ପାଇଁ ବ୍ୟବସ୍ଥା କଲେ ଚାଷୀକୂଳ ଉପକୃତ ହେବେ ବୋଲି ଉକ୍ତ ଦାବିପତ୍ରରେ ବିଜେପି କରାପଲ୍ଲୀ ମଣ୍ଡଳ କୃଷକ ମୋର୍ଚ୍ଚା ପକ୍ଷରୁ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପ୍ରଦୀପ କୁମାର ପଟ୍ଟନାୟକଙ୍କ ସମେତ ବହୁ ଚାଷୀ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

### ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ

## ବିନା ସୂଚନାରେ କାମ କରାଯାଉଥିବା ଅଭିଯୋଗ



ଛତ୍ରପୁର,୭ ।୧୧(ସମିସ): ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସପ୍ତାର୍ଷ୍ଣ୍ୟ ପାର୍କର ପାର୍କିଂ ପାଇଁ ଲିଜ, ଅରବିନ୍ଦ ସ୍କୁଲ୍ସ୍ଥିତ ପେଟ୍ରୋଲ ପମ୍ପ, ଛତ୍ରପୁର ଏନଏସିର ନୂତନ କୋଠା, ନିର୍ବାହୀ ଅଧିକାରୀଙ୍କ ବାସ ଭବନ ସମେତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକ ପୂର୍ବରୁ ପୂର୍ବ ଅଧିବେଶନର ନିର୍ଦ୍ଧାରଣ ଗୁଡିକ ପଠନ କରାଯାଇଥିଲା। ଯାହାକୁ ନେଇ ଉପସ୍ଥିତ କାଉନସିଲର ମାନେ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ସେମାନଙ୍କ ଅଜାଣତରେ ଏନଏସି କର୍ତ୍ତୃପକ୍ଷ ବହୁ କାମ କରୁଛନ୍ତି ବୋଲି କାଉନସିଲମାନେ ଅଭିଯୋଗ କହିଥିଲେ। ସମସ୍ତେ ମିଳିମିଶି ଏକ ହୋଇ ସହରର ଉନ୍ନତି ପାଇଁ କାମ କରିବାକୁ ପଡିବ ବୋଲି ଉପସ୍ଥିତ କାଉନସିଲର ମାନଙ୍କୁ ଛତ୍ରପୁର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଥିଲେ। ଛତ୍ରପୁର ମୁଖ୍ୟ ଷ୍ଟେଟବ୍ୟାଙ୍କ ପାଇଁ ଦୈନିକ ଟ୍ରାଫିକ ସମସ୍ୟା ରହୁଥିବା କାଉନସିଲର ଦେବାଶିଷ ମିଶ୍ର କହିଥିଲେ। ଏନେଇ ପୂର୍ବରୁ ମଧ୍ୟ ଏନଏସି ପକ୍ଷରୁ ଛତ୍ରପୁର ମୁଖ୍ୟ ଷ୍ଟେଟବ୍ୟାଙ୍କ ଏକ ନୋଟିସ କରାଯାଇଛି ପୁଣି ଗୋଟେ ନୋଟିସ କରାଯିବ। ସେଠାରେ ପାର୍କିଂ ବ୍ୟବସ୍ଥା ନଥିବାରୁ ରୋଡ ଉପରେ ଗାଡି ସବୁ ଲୋକେ ରଖୁଛନ୍ତି ଯାହାଫଳରେ ଦୈନିକ ଟ୍ରାଫିକ ସମସ୍ୟା ଦେଖାଦେଉଛି। ମାଛ ମାର୍କେଟ ଓ ପରିବା ମାର୍କେଟ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଜି.ପାପା ରାଓ, ଏନଏସି ନିର୍ବାହି ଅଧିକାରୀ ପ୍ରସନ୍ନ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## ଋଷ ବିପ୍ଳବ ପାଇଁ ପତାକା ଉତ୍ତୋଳନ



ଛତ୍ରପୁର,୭ ।୧୧(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଛତ୍ରପୁର ଜୋନ୍ ତରଫରୁ ସ୍ଥାନୀୟ ଲକ୍ଷ୍ମଣ ଭବନରେ ନଭେମ୍ବର ୭ଋଷ ବିପ୍ଳବ କାର୍ଯ୍ୟକ୍ରମରେ ବର୍ଷିୟାନ କମ୍ୟୁନିଷ୍ଟ ନେତା ଏସ୍ କ୍ରିଷ୍ଣା ରେଡ୍ଡୀ ପତାକା ଉତ୍ତୋଳନ କରିଥିଲେ। ଛତ୍ରପୁର ଜୋନାଲ ସମ୍ପାଦକ ଡି ଆଦିନାରାୟଣ ରେଡ୍ଡୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଆଦିତ୍ୟ ନାରାୟଣ ମିଶ୍ର ରୁଷ ବିପ୍ଳବ ଦ୍ୱାରା ପୃଥିବୀରେ ସାମ୍ୟବାଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ଜୋନାଲ ସହ ସମ୍ପାଦକ ରାଜେନ୍ଦ୍ର ନାହାକ, ଏସ୍ ତ୍ରିନାଥ ରେଡି, ବୁଲୁ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଗୌଡ଼, ଡମ୍ବରୁ ରେଡି, ମାଧବ ପାତ୍ର, ଗୁରୁ ଦେବ ବେହେରା, ନବୀନ ଗୌଡ଼, ଧୀର ପଣ୍ଡା, ଦେବହରି ଗୌଡ଼, ଏନ୍ ସୁକାନ୍ତ ଆଚାରି, କେ ଦେବରାଜ ରେଡି, ଆର୍ ଆପାନା ରେଡି, ଏସ୍ ରାମଚନ୍ଦ୍ର ରେଡ଼ୀ, ଏନ୍ ପୁନିଆ ରେଡ଼ୀ, ଯୋଗେନ୍ଦ୍ର ଗୌଡ଼ ଏବଂ ଅନ୍ୟାନ୍ୟ କମ୍ୟୁନିଷ୍ଟ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

### ■ କମ୍ୟୁନିଷ୍ଟ ପାର୍ଟିର ବାର୍ଷିକ ସମ୍ମିଳନୀ

## ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା



ଛତ୍ରପୁର,୭ ।୧୧(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଚମାଖଣ୍ଡି ଜୋନ୍ ପକ୍ଷରୁ ନଭେମ୍ବର ୭ ବିଶ୍ୱ ମହାନ ଅକ୍ଟୋବର ବିପ୍ଳବ ଦିବସ ଅବସରରେ ବଣବୁଲାପଲ୍ଲୀ ଶାଖାର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଣବୁଲାପଲ୍ଲୀ ଗ୍ରାମ ସ୍ଥିତ କୋଠଘରରେ ଏନ. ଲିଙ୍ଗରାଜ ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀକୁ ସଂଗ୍ରାମୀନେତା ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ମାରଣା ନୀତିକୁ ସମାଲୋଚନା କରିଥିଲେ। ଏହି ଅବସରରେ ଗ୍ରାମ ମଝିରେ ଏନ. ଗଙ୍ଗାଧର ରେଡ୍ଡୀ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ ଜନାର୍ଦ୍ଦନ ରେଡ଼ୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସିଏଚ ସତ୍ୟ ନାରାୟଣ ରେଡ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ନାରୀନେତ୍ରୀ ଏନ. ଭାନୁମତି ରେଡ଼ୀ, କେଶବ ନାହାକ, ଏନ. ମୁନାପାତ୍ର, ବିଦ୍ୟାଧର ରାଉଳ ଓ ତ୍ରିନାଥ ସାହୁଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇ ଦଳୀୟ ସଂଗଠନ ଉପରେ ଆଲୋକପାତ କରିଥିଲେ। ଆସନ୍ତା ୨୬ ତାରିଖ ଦିନ ଚାଷୀ, ମୂଲିଆ ଓ କ୍ଷେତ ମଜଦୁରମାନଙ୍କ ବିଭିନ୍ନ ଦାବିନେଇ ଛତ୍ରପୁରରେ ବିରାଟ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବଣବୁଲାପଲ୍ଲୀ ଶାଖାର ନୂତନ ସମ୍ପାଦକ ଭାବେ ବିଦ୍ୟାଧର ରାଉଳ ଓ ସହ -ସମ୍ପାଦକ ଭାବେ ତ୍ରିନାଥ ସାହୁଙ୍କୁ ମନୋନୀତ କରାଯାଇଛି। ପ୍ରାରମ୍ଭରେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ୀଙ୍କୁ ଶାଖା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୭୫ତମ ସ୍କାଉଟ୍ ପ୍ରତିଷ୍ଠା ଦିବସ

ବୁଗୁଡା,୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ ଆନୁକୂଲ୍ୟରେ ବୁଗୁଡା ଶ୍ରୀକର ଭଞ୍ଜ ଓପନ୍ ୟୁନିଟ ଓ ଉତ୍କଳମଣି ସ୍କାଉଟ୍ ଟ୍ରୁପର ମିଳିତ ଭାବେ ୭୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ମିଡିଆ କ୍ଲବ୍ ସଭାପତି ଅନୀଲ ପଟ୍ଟନାୟକ ଯୋଗଦେଇ ଲର୍ଡ ବାଡେନ ପାୱାଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସାଇକେଲ ରାଲିକୁ ଶୁଭାରମ୍ଭ କରିଥିଲେ। ସାଇକେଲ ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ପ୍ରସିଦ୍ଧ ଶୈବ ପୀଠ ବୁଦ୍ଧଖୋଲ ଯାଇ ସ୍ୱଛତା କାର୍ଯ୍ୟକ୍ରମରେ ଭାଗ ନେଇ୍ରଥିଲେ। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ନିଉ ଏରା ପବ୍ଲିକ ସ୍କୁଲର ସ୍କାଉଟ ମାଷ୍ଟର ବୈଷ୍ଣବ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମ୍ରିତ୍ ସାଗର ପାତ୍ର, ଚନ୍ଦନ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ମଧୁସ୍ମିତା ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ସୂର୍ଯ୍ୟନାରାୟଣପୁରକୁ ପକ୍କାରାସ୍ତା କେବେ?

ହୁମ୍ମା,୭ ।୧୧(ସମିସ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତର ସୂର୍ଯ୍ୟନାରାୟଣପୁର ଓ ଡ଼ିଏନଟି କଲୋନୀ ଗ୍ରାମକୁ ରାସ୍ତା ବର୍ଷ ବର୍ଷ ଧରି କେବଳ ମୋରମ ମାଟିରେ ହିଁ ସୀମିତ ରହୁଥିବା ଦେଖିବା ମିଳିଛି। ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିବା ସତ୍ତ୍ୱେ ରାସ୍ତା ନିର୍ମାଣ ଅତିଶୀଘ୍ର କରାଯିବାର ପ୍ରଶାସନ ମିଛ ପ୍ରତିଶ୍ରୁତି ଦେବାରେ ଲାଗିଛି। ସ୍ୱାଧୀନତାର ୭୮ ବର୍ଷ ବିତି ଯାଇଥିଲେ ମଧ ଏହି ଏହି ଦୁଇଟି ଗ୍ରାମ ଅନେକ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଏମିତି କେତେ ଯେ ପଞ୍ଚାୟତ ଓ ବିଧାୟକ ନିର୍ବାଚନ ଗଲାଣି କେବଳ ଭୋଟ୍ ପାଇଁ ହିଁ ଉକ୍ତ ଦୁଇ ଗ୍ରାମରେ ନେତାଙ୍କ ପାଦ ପଡୁଛି। ନିର୍ବାଚନ ସମୟରେ ସେମାନେ ରାସ୍ତା ନିର୍ମାଣ କରିବାର ବାରମ୍ବାର ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ନିର୍ବାଚନ ସରିଗଲା ପରେ ତାହା ପାଣିର ଗାର ହେଉଛି ବୋଲି ଗାର ହେଉଛି ବୋଲି ଗ୍ରାମବାସୀ କହୁଛନ୍ତି।

ସୂଚନାଥାଉକି ସୂର୍ଯ୍ୟନାରାୟଣପୁର ଓ ଡ଼ି.ଏନ.ଟି କଲୋନୀ ଜାତୀୟ ୧୬ ନମ୍ବର ରାଜପଥରୁ ୫୦୦ମିଟର ଦୂରରେ ଅବସ୍ଥିତ। ଏଭଳି ସ୍ଥିତିରେ ଗାଁ ରାସ୍ତା କେବଳ ମୋରମ ରାସ୍ତା ରହିଛି। ପୁଣି ସେହି ରାସ୍ତା ଦୁଇପାଶ୍ୱର୍ରେ ଗଛଲତା ଓ ବୁଦା ବିଲବାଡି ରହିଛି। ଏହି ରାସ୍ତା ପାଶ୍ୱର୍ରେ ଆଲୋକୀକରଣ ନଥିବା ଯୋଗୁଁ ଉକ୍ତ ଦୁଇ ଗ୍ରାମର ୬୦୦ରୁ ଉଦ୍ଧ୍ୱର୍ ଲୋକେ ହନ୍ତସନ୍ତ ହେଉଛନ୍ତି। ଟିୟୁସନ କରିବାକୁ ଛାତ୍ରଛାତ୍ରୀମାନେ ବାହାର ଗ୍ରାମ, ପାଲୁର ଜନକ୍ୱନ ଓ ହୁମ୍ମାକୁ ଯାଉଥିବା ସମୟରେ ସେମାନେ ଏହି ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟତ କରୁଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ମଦ ଜବତ, ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୭ ।୧୧(ସମିସ):** ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତ ପାତ୍ରପଡ଼ା ଗ୍ରାମ ରାସ୍ତାରେ ଅବକାରୀ ଓଆଇସି ଅନିତା ପ୍ରଧାନ ସଦଳବଳେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଜରଡା ଥାନା ବଡ଼ ମହୁଲପଡ଼ା ଗ୍ରାମର ଉମାକାନ୍ତ ଡାକୁଆ। ଅବକାରୀ ଓଆଇସିଙ୍କ ନେତୃତ୍ୱରେ ବୁଧବାର ସନ୍ଧ୍ୟାଟାରେ ଅବକାରୀ କର୍ମଚାରୀ ବୃନ୍ଦ ପାଟ୍ରୋଲିଂ କରୁଥିବା ବେଳେ ଦିଗପହଣ୍ଡି ବ୍ଲକ ପାତ୍ରପଡ଼ା ଗ୍ରାମ ରାସ୍ତାରେ ଅଭିଯୁକ୍ତ ଜଣକ ଏକ ହଳଦିଆ ରଙ୍ଗର ପ୍ଲାଷ୍ଟିକ ଜାରକିନ୍ ଧରି ଯାଉଥିଲେ। ତାଙ୍କୁ ଅଟକାଇ ଖାନତଲାସୀ କରିବାରୁ ସେଥିରେ ୧୦ ଲିଟର ଚୋରା ଦେଶୀମଦ ଥିବା ଜଣାପଡିଥିଲା। ଅବକାରୀ ଥାନା ମାମଲା ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରି ଅବକାରୀ ଥାନାକୁ ଅଣାଯାଇଥିଲା। ଚଢାଉରେ ଅବକାରୀ କର୍ମଚାରୀ ଆଲଫଲତା ସାହୁ ଏବଂ ସୂର୍ଯ୍ୟନାରାୟଣ ଜେନା ସାମିଲ ଥିଲେ।

## ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

**ସାନଖେମୁଣ୍ଡି,୭ ।୧୧(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ସରପଞ୍ଚ ଡି.ରାକେଶ କୁମାର ପାତ୍ରଙ୍କ ବିରୁଦ୍ଧରେ ଗୁରୁବାର ଅନାସ୍ଥା ପ୍ରସ୍ତାବ ଆସିଛି। ଏନେଇ ସମ୍ପୃକ୍ତ ପଞ୍ଚାୟତର ୮ ଜଣ ୱାର୍ଡ ସଭ୍ୟା ସଭ୍ୟ ବ୍ରହ୍ମପୁର ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏଥିସହିତ ତୁରନ୍ତ ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ କରିବା ପାଇଁ ଦାବି କରିଛନ୍ତି। ସରପଞ୍ଚ କୌଣସି ୱାର୍ଡ ସଭ୍ୟ ସଭ୍ୟା ମତାମତ ନ ନେଇ ମନମୁଖି ଭାବେ ଯେ କୌଣସି କାର୍ଯ୍ୟ କରୁଥିବା, ସରପଞ୍ଚ ଜଣଙ୍କ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନଥିବା ବେଳେ ଜନସାଧାରଣଙ୍କ ଗୁହାରି ଓ ହିତକର କାର୍ଯ୍ୟ ବାଧା ସୃଷ୍ଟି ହେବା, ପଞ୍ଚାୟତ ସାଧାରଣ ବୈଠକରେ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ଅଣ ଦେଖା କରିବା ହେତୁ ୱାର୍ଡ ସଭ୍ୟ ସଭ୍ୟା ମାନେ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥ ପ୍ରସ୍ତାବ ଆଣିଥିବା ଆଣିବା ପରେ ୱାର୍ଡ ସଭ୍ୟ ସଭ୍ୟା ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟରେ ପହଁଚି ବିଡିଓ ଜୀତେନ୍ଦ୍ର କୁମାର ମିଶ୍ରଙ୍କୁ ଭେଟି ଅନାସ୍ଥ ପ୍ରସ୍ତାବ ଆଣିବା ପାଇଁ ଦରଖାସ୍ତ ପ୍ରଦାନ କରୁଛନ୍ତି। ପୂର୍ବରୁ ୱାର୍ଡ ସଭ୍ୟ ସଭ୍ୟା ମାନେ ରାଧାଦେଇପୁର ବ୍ରାହ୍ମଣ ସମାଜ କୋଠ ଘରେ ଉପସ୍ଥିତ ରହି ୱାର୍ଡ ସଭ୍ୟା ବନିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ୮ ଜଣ ସଭ୍ୟ ଉପସ୍ଥିତ ରହିଥିବା ବେଳେ ୱାର୍ଡ ସଭ୍ୟା ଝୁନୁ ନାଇକ, ବାସନ୍ତୀ ସେଠି, ବିନତି ନାୟକ, ଅନିତା ନାଇକ, ଶିବ ସାହୁ, ସନ୍ତୋଷ କୁମାର ରାଉତ, ଭଗବତ ସାହୁ ଉପସ୍ଥିତ ଥିବା ଜଣାପଡିଛି।

## ସ୍ନାତକ କଲେଜରେ ଭିଜିଲାନ୍ସ ସପ୍ତାହ



ବେଲଗୁଣ୍ଠା,୭ ।୧୧(ସମିସ): ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ସାମଲ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅମୂଲ୍ୟ କୁମାର ପଣ୍ଡା ପରିଚାଳନା କରିଥିଲେ। ଦୁର୍ନୀତି ଏବଂ ଆର୍ଥିକ ଅପରାଧକୁ ସମାଜରୁ ମୂଳୋତ୍ପାଟନ କରିବା ପାଇଁ ଶିକ୍ଷାର୍ଥୀ ମାନଙ୍କୁ ସଚେତନ କରିବା ସହିତ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ମୂଳଭିତ୍ତି ପ୍ରକାଶ କରିଥିଲେ। ଅଧ୍ୟାପକ ଅନୀଲ କୁମାର ସ୍ୱାଇଁ ସ୍ୱଚ୍ଛତା ହିଁ ପ୍ରଗତିର ମୂଳମନ୍ତ୍ର ବୋଲି ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ସୀମାଞ୍ଚଳ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

## ରାଇକିଆ ରୋଗୀ କଲ୍ୟାଣ ସମିତି ବୈଠକ



ରାଇକିଆ,୭।୧୧(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଯୋଗ ଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଏହାର ସମାଧାନ କିପରି ତୁରନ୍ତ ହୋଇପାରିବ ସେ ଦିଗରେ ଆଲୋଚନା କରିଥିଲେ। ବିଶେଷ କରି ଭେଷଜ, ସ୍ତ୍ରୀ ଓ ପ୍ରସୂତି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କେହି ଡାକ୍ତର ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏକ୍ସରେ ମେସିନ ମଧ କିପରି କାର୍ଯ୍ୟକ୍ଷମ ହୋଇପାରିବ ସେ ନେଇ ଇନ୍‌ଚାର୍ଜଙ୍କ ସହ ଆଲୋଚନା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କାର୍ଯ୍ୟ ଅସ୍ଥାୟୀ କର୍ମଚାରୀ ଦ୍ୱାରା କରାଯାଉଥିବା ଏବଂ ଏହାଦ୍ୱାରା ଜନ ସଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବୈଠକରେ ମେଡ଼ିକାଲ ଇନ୍‌ଚାର୍ଜ ଶ୍ରୀନିବାସ ପାତ୍ର, ବିଡ଼ିଓ ସୀମାଞ୍ଚଳ ମଣ୍ଡଳ, ସିଡ଼ିପିଓ, ବିଧାୟକ ପ୍ରତିନିଧି ତାରିଣୀ ପରିଚ୍ଛା, କମିଟି ସଦସ୍ୟ ବିଜୟ ପଣ୍ଡା, ବିଦ୍ୟରତ୍ନମଣି ଦିଗାଲ, ଅମିୟ ଦିଗାଲ, ଗୌରଚନ୍ଦ୍ର ଦିଗାଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ମନରେଗା କାମରେ ଦୁର୍ନୀତି

# ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ

**ପୋଲସରା,୭ ।୧୧(ସମିସ)**



ପୋଲସରା ବ୍ଲକ ମଧୁପଲ୍ଲୀ ପଞ୍ଚାୟତ ଗୋପୀନାଥ ସ୍ୱାମୀ ହାଇସ୍କୁଲରେ ମନରେଗା କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ମଧୁପଲ୍ଲୀ ଗ୍ରାମର ଗୋପୀନାଥ ସ୍ୱାମୀ ହାଇସ୍କୁଲର ସ୍କୁଲ ନାଳ ପୁନରୁଦ୍ଧାର ସକାଶେ (ଅଙ୍ଗନବାଡ଼ି ଠାରୁ ଗୋପିନାଥ ସ୍ୱାମୀ ସ୍କୁଲ ନାଳ) ପାଇଁ ୨୦୨୩-୨୪ ଆର୍ଥିକ ବର୍ଷ, କୋଡ଼ ନଂ ୧୦୫୭୯୬୩୯,୧୧/୦୬/୨୪ ରେ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ସେହି କାର୍ଯ୍ୟକୁ ନ କରି ୦୨/୦୮/୨୪ ତାରିଖରୁ ୧୧/୦୬/୨୪ ତାରିଖ ମଧ୍ୟରେ ୪,୮୪,୬୦୦ (ଚାରି ଲକ୍ଷ,ଚଉରାଅସି ହଜାର,ଛଅଶହ) ଟଙ୍କା ବିଲ୍ କରାଯାଇଛି। ଏହି ବିଷୟ ଗ୍ରାମବାସୀ ଜାଣିବା ପରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ପୋଲସରା ବ୍ଲକରୁ ମଗାଇ ଥିଲେ। ପ୍ରଥମେ ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ଓ ଗଞ୍ଜାମ ଜିଲ୍ଲାପାଳ (ଛତ୍ରପୁର)ଙ୍କ ପାଖରେ ଅଭିଯୋଗ କରିଥିଲେ। ଏହାସହିତ ଦୁର୍ନୀତି ନିବାରଣ ବିଭାଗ (ବ୍ରହ୍ମପୁର)କୁ ମଧ ଏକ ଅଭିଯୋଗ ପତ୍ର ପ୍ରେରଣ କରିଥିଲେ। ଯାହାକି ଉକ୍ତ ମିଥ୍ୟା ବିଲ୍ କରି ଅର୍ଥ ହେରଫେରର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ। ମିଥ୍ୟା ବିଲ୍ କରି ଏହି ଅର୍ଥକୁ ବିଭାଗୀୟ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ଜେନାଙ୍କ ସହିତ ପଞ୍ଚାୟତର କିଛି ନିର୍ବାଚିତ ପ୍ରତିନିଧି ସାମିଲ ହୋଇ ଆତ୍ମସାତ କରି ଥିବା ଆରୋପ ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଶ୍ରୀ ଜେନା ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଥିଲେ। ଯାହାକି ସ୍କୁଲ ପାଇଁ ପ୍ରଥମେ ସୁରକ୍ଷା ପାଚେରୀର ଆବଶ୍ୟକ ଥିବା ବେଳେ ସେଥିରେ ଏହି ଅର୍ଥ ଖର୍ଚ୍ଚ କରାଯାଇଥିଲା। କିନ୍ତୁ ଅଭିଯୋଗ ପରେ ବିଡ଼ିଓଙ୍କ ନିର୍ଦ୍ଦେଶରେ ନାଳର ପୁନରୁଦ୍ଧାର କାର୍ଯ୍ୟ ଶେଷ କରାଯାଇଛି ବୋଲି ପ୍ରକାଶ କରିଥିଲେ। ବିଡ଼ିଓ ଏବଂ ସରପଞ୍ଚଙ୍କ ସହ ଯୋଗାଯୋଗ ବେଳେ ଦୁର୍ନୀତି ହୋଇନଥିବା କହିଥିଲେ। ତେବେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ପାଠପଢ଼ାରେ ଅନିୟମିତତା ଅଭିଯୋଗ

## ସ୍କୁଲ୍ ଗେଟ୍‌ରେ ତାଲା ପକାଇଲେ ଗ୍ରାମବାସୀ

**ଜଗନ୍ନାଥପ୍ରସାଦ,୭ ।୧୧(ସମିସ):** ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ ନିମନ୍ତେ ବିଭିନ୍ନ ପ୍ରକାର ବ୍ୟବସ୍ଥା ଯୋଗାଉଛନ୍ତି। କିନ୍ତୁ କେତେକାଂଶରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କେଉଁଠି ବିଦ୍ୟାଳୟର ପରିବେଶ ସଫାସୁତୁରା ନଥିବା ବେଳେ ଅନ୍ୟ କେଉଁଠି ଶିକ୍ଷାଦାନ ବ୍ୟବସ୍ଥା ସଠିକ୍ ରୂପେ ଦିଆ ଯାଉ ନ ଥିବା ଅଭିଯୋଗ ଆସୁଛି। ଏପରି ଏକ ଅଭିଯୋଗ ଜଗନ୍ନାଥପ୍ରସାଦ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ରାଉତି ପଞ୍ଚାୟତ ହରିଜନ ପଙ୍କାଳ ସାହି ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ସାହୁଙ୍କ ନାମରେ ଆସିଛି। ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶ୍ରୀମତୀ ସାହୁ ଦୀର୍ଘ ୨୦ ବର୍ଷ ଧରି ଏଠାରେ ଅଛନ୍ତି। ଛାତ୍ରଛାତ୍ରୀ ମାନଙ୍କୁ ସଠିକ ଶିକ୍ଷାଦାନ ଦେଉନଥିବା ଏବଂ ବିଦ୍ୟାଳୟ ପରିବେଶ ସଫାସୁତୁରା ନଥିବା ନେଇ ପରିଚାଳନା କମିଟି ସଭାପତି ତ୍ରିଲୋଚନ ନାୟକ ଓ ଗ୍ରାମର ଶତାଧିକ ମହିଳା ଏବଂ ଅଭିଭାବକମାନେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅଭିଯୋଗ କରିଥିଲେ। ଦୀର୍ଘ ଛଅ ମାସ ପୂର୍ବେ ଏହି ଅଭିଯୋଗ ନେଇ ପରିଚାଳନା କମିଟି ସ୍ଥାନୀୟ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କୌଣସି ସମାଧାନ ନ ହେବାରୁ ପୁଣି ଗୁରୁବାର ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଅଭିଯୋଗ ନେଇ ବିଇଓ କାର୍ଯ୍ୟାଳୟକୁ ଗ୍ରାମବାସୀ ଯାଇଥିଲେ। ସନ୍ତୋଷ ଜନକ ଉତ୍ତର ନ ପାଇ ପରିଚାଳନା କମିଟି, ଅଭିଭାବକ ଏବଂ ମହିଳା ମାନେ ବିଦ୍ୟାଳୟ ସମ୍ମୁଖ ଗେଟରେ ତାଲା ଠୁକି ବସିଥିଲେ। ଖବର ପାଇ ବିଇଓ କଲ୍ୟାଣୀ ପାଢ଼ୀ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହ ସାତଦିନ ଭିତରେ ଏହାର ସମାଧାନ କରିବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ। କିନ୍ତୁ ଶୁକ୍ରବାର ଠାରୁ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ନ ଆସିବା ପାଇଁ ଜିଦ ଧରିଥିଲେ ଗ୍ରାମବାସୀ। ବୁଝାସୁଝା ପରେ ପରିବେଶ ଶାନ୍ତ ପଡିଥିଲା। ଏହି ଅବସରରେ ପରିଚାଳନା କମିଟି ସଭାପତି ତ୍ରିଲୋଚନ ନାୟକ, ସ୍ୱପ୍ନା ନାୟକ, ସବିତା ନାୟକ, ପୁଷ୍ପଲତା ନାୟକ, ଗୁରୁବାରି ନାୟକ, ମାଣିକ ନାୟକ, ରୁବି ନାୟକ, ପୁରଙ୍ଗି ନାୟକ ଏବଂ ସମସ୍ତ ଅଭିଭାବକ ଉପସ୍ଥିତ ରହିଥିଲେ।



## ସୁରଭି ଓ କଳା ଉତ୍ସବରେ କଳିଙ୍ଗା ହାଇସ୍କୁଲର ସଫଳତା



**ଜି.ଉଦୟଗିରି,୭।୧୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲିରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ସୁରଭି ଓ କଳା ଉତ୍ସବରେ ବାଦ୍ୟ କଳାରେ ଭଲ ପ୍ରଦର୍ଶନ କରି କଳିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଥମ ହୋଇଥିଲା। ଗୁରୁବାର ଖୋର୍ଦ୍ଧାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁରଭି ଓ କଳା ଉତ୍ସବରେ ତୃତୀୟ ସ୍ଥାନ ଗ୍ରହଣ କରି ଅଞ୍ଚଳ ତଥା ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। କୃତକାର୍ଯ୍ୟ ହୋଇଥିବା ଏହି ଟିମକୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇ ଥିବାବେଳେ ସ୍କୁଲ ତରଫରୁ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ବିଶେଷ କରି ପ୍ରଧାନ ଶିକ୍ଷକ ଅରୁଣ କୁମାର ତ୍ରିପାଠୀ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ, ଶିକ୍ଷକ କାହ୍ନୁଁ ଚରଣ ପରିଡ଼ା, କ୍ଷେତ୍ରବାସୀ ଦିଗାଲ ଓ ଦୀପକ କୁମାର ପ୍ରଧାନ ଏବଂ ପିଲାମାନଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ଆଜି ଏହା ସମ୍ଭବ ହୋଇପାରିଛି ବୋଲି କୁହାଯାଇଛି।

## ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

**ଆସିକା,୭ ।୧୧(ସମିସ):** ଆସିକା ଥାନା ଅନ୍ତର୍ଗତ ପାକିଡି ଗ୍ରାମରେ ଦୁଇ ପରିବାର ମଧ୍ୟରେ ବଚସାକୁ କେନ୍ଦ୍ର କରି ମାରପିଟ ଘଟଣାରେ ବିକାଶ ମଲ୍ଲିକ ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଘଟଣାରେ ସମ୍ପୃକ୍ତ କୈଳାସ କରଣ ନାମକ ଜଣେ ବ୍ୟକ୍ତିଙ୍କୁ କୋର୍ଟଚାଲାଣ କରିଛି।

## ବିଭିନ୍ନ ଗ୍ରାମରେ ତମାଖୁମୁକ୍ତ ସଚେତନତା ଅଭିଯାନ

**ପାରଳାଖେମୁଣ୍ଡି,୭।୧୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତମାଖୁ ମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ଗୁରାଣ୍ଡି ସ୍ଥିତ ମୀନକେତନ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ(ପିଏଚଇଓ) ମମତା ପାଢ଼ୀ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଡ଼ା. ଲତିକା ବେହେରା, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଗୋଦାବରୀ ଜେନା, ଅଧ୍ୟାପକ ଲମ୍ବୋଦର ରାଉତ, ଅଧ୍ୟାପିକା ସୁନୀତା ବେହେରା, ଓ ମୀନାକ୍ଷୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ସେହିଭଳି ଗାରାବନ୍ଧସ୍ଥିତ ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଆୟୁଷ ଡ଼ା.ପୂର୍ଣ୍ଣଚନ୍ଦ୍ର ପାତ୍ର, ମମତା ପାଢ଼ୀ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ବି.ତିରୁମାଲା ରାଓ ପଟ୍ଟନାୟକ ତମାଖୁମୁକ୍ତ ଅଭିଯାନ ସମ୍ପର୍କରେ କହିଥିଲେ। ସେହିଭଳି ଲିଙ୍ଗିପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଡା.ପାତ୍ର, ପିଏଚଇଓ ମମତା ପାଢ଼ୀ, ବିଦ୍ୟାଳୟର ଅଧ୍ୟକ୍ଷା ଦୁର୍ଗା ଯାଦବ ରାଓ ମଞ୍ଚାସୀନ ରହି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ତମାଖୁ ମୁଖ୍ୟ ଅଭିଯାନ ଉପରେ ସଚେତନ କରାଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସଂପୃକ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ତମାଖୁ ମୁକ୍ତ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବା ପାଇଁ ଶପଥ ପାଠ ଓ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିବସରେ ଗୁରାଣ୍ଡି ଗ୍ରାମସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ପତିତପାବନ ବାରିକ, ହାଇସ୍କୁଲର ପ୍ରଧାନ ଶିକ୍ଷକ ତରଣୀସେନ ବିଶ୍ୱାଳ ଓ ଗୋପେଶ୍ୱର ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି ବାଘଶଳା ଗ୍ରାମରେ ଥିବା ରାଧା ଚରଣ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଘଶଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା.ରଜତ କୁମାର ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହର୍ଷବାବୁ ଖାଡଙ୍ଗା ପ୍ରମୁଖ ଉପସ୍ଥିତଥିଲେ।



## ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର




**ଜି.ଉଦୟଗିରି,୭।୧୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ମାନସ ରଞ୍ଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ 'ରାଜନୈତିକ ଚିନ୍ତାଧାରା', ଉପରେ ଛାତ୍ରଛାତ୍ରୀ ଆଲୋକପାତ କରିଥିଲେ। ଯୁକ୍ତ ତିନି ଶେଷ ବର୍ଷ ଛାତ୍ରୀ ଅର୍ଚ୍ଚିତା ପ୍ରଧାନ, ଆହ୍ଲାରାଣୀ ମଲିକ ଓ ଶୁଭ୍ରାଂଜଳି ପ୍ରଧାନ ନିଜର ଲିଖିତ ଆଲୋଚ୍ୟ ବିଷୟରେ ବିବରଣୀ ପାଠ କରିଥିଲେ। ବିଭାଗୀୟ ଆଧାପକ ଡ. ରାଜେଶ ବାଗ ଓ ମଦନ ମୋହନ ବନଛୋର ବିଷୟବସ୍ତୁ ଉପରେ ବିଶେଷ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ ତର୍କବିତର୍କରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ବିଭାଗର ଶେଷ ବର୍ଷ ଛାତ୍ର ଅଜୁ ଦିଗାଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣ୍ଡିପଙ୍କାରେ ଖାଦ୍ୟ ସାମଗ୍ରୀ ବଣ୍ଟନ



**ଜି.ଉଦୟଗିରି,୭।୧୧(ସମିସ):** ସମାଜସେବୀ ତଥା ଯୁବ କଂଗ୍ରେସ ନେତା ଗଗନ କୁମାର ପ୍ରଧାନ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଜାଉ ଖାଇଁ ମୃତ ଓ ଅସୁସ୍ଥ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହା ସହ ପୀଡ଼ିତ ପରିବାରକୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ଅଞ୍ଚଳରେ ମୋବାଇଲ ସେବା, ସ୍ୱାସ୍ଥ୍ୟ, ଶିକ୍ଷାର ଉନ୍ନତ ବ୍ୟବସ୍ଥା ନ ଥିବା ବେଳେ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାରଙ୍କ ପାଖରେ ଦାବି କରିଛନ୍ତି।୨୦୨୪ ମସିହାରେ ମଧ ବିକାଶର ବହୁ ଦୂରରେ କନ୍ଧମାଳ ଜିଲ୍ଲା ରହିଛି। ଏହା ସମଗ୍ର ଦେଶ ପାଇଁ ଲଜ୍ଜା ଓ ଦୁର୍ଭାଗ୍ୟ ଜନକ ବୋଲି ସେ କହିଛନ୍ତି। ୪ ମାସ ଧରି ଚାଉଳ ନ ମିଳିବା କ୍ଷୋଭର ବିଷୟ। ପ୍ରଶାସନ କନ୍ଧମାଳବାସୀଙ୍କ ବିକାଶ କେବଳ କାଗଜ କଲମରେ ନ କରି ଯୋଜନାକୁ କାର୍ଯ୍ୟକାରୀ ଓ ସଫଳ ରୂପାୟନ କରିବା ପାଇଁ ଓ ଗୋଟିଏ ପରିବାରର ଦୁଇ ଜଣ ଛୁଆ (୫ ମାସର ଓ ୩ ବର୍ଷର ଶିଶୁ ପୁତ୍ର) ମା ଛେଉଣ୍ଡ ହୋଇଯାଇଥିବାରୁ ସେମାନଙ୍କୁ ଥଇଥାନ ପାଇଁ ସରକାରଙ୍କ ପାଖରେ ଦାବି କରିଛନ୍ତି।

### ସାମରିକ କର୍ମଚାରୀରୁ ଦିନ ମଜୁରିଆ

# ବୁଦ୍ଧିମନ୍ତଙ୍କୁ କେବେ ମିଳିବ ନ୍ୟାୟ

**ଆସିକା,୭ ।୧୧(ସମିସ)**



ଆସିକା ବ୍ଲକ କୁମ୍ଭାରୀ ଗ୍ରାମରେ ଜନ୍ମିତ ବୁଦ୍ଧିମନ୍ତଙ୍କ ବୟସ ଏବେ ୬୮ ଛୁଇଁ ଲାଣି। ତଥାପି ନିଜ ମନୋବଳ ବଢ଼ି ଚାଲିଛି। ଦିନେକି ଦୁଇ ଦିନ ନୁହେଁ ଦୀର୍ଘ ୪୩ ବର୍ଷ ହେଲା ସେ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଷ୍ଟ୍ରପତି ପର୍ଯ୍ୟନ୍ତ ନ୍ୟାୟ ପାଇଁ ସଂଘର୍ଷ କରି ଦୌଡୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିପାରିନି। ଏବେ ନ୍ୟାୟ ଅପେକ୍ଷା ରେ ନିଜର ସବୁ ପିତୃ ଅର୍ଜିତ ସମ୍ପତି ଜମିବାଡ଼ି, ସବୁ ସରିଯାଇଛି। ଯୁବ ଅବସ୍ଥାରୁ ଏବେ ବୃଦ୍ଧ ଅବସ୍ଥାକୁ ଆସିଲାଣି ଚାଲିବାର ମଧ ଆଉ ସକ୍ଷମ ନାହିଁ। ପାଖରେ ଅଛନ୍ତି ସ୍ତ୍ରୀ ସମେତ ପାଞ୍ଚ ପ୍ରାଣୀ କୁଟୁମ୍ବ। ନିଜେ ଚାଲିବାର ସକ୍ଷମ ନଥିଲେ ମଧ ତଥାପି ଥକି ନାହାନ୍ତି ସେ। ଭାରତର ନ୍ୟାୟ ବ୍ୟବସ୍ଥାର ବିଶ୍ୱାସ ରଖି ନିଜ ମନ ବଳକୁ ସୁଦୃଢ଼ କରିବା ପାଇଁ ପୂର୍ବରୁ ସେ ନ୍ୟାୟ ପାଇବେ ବୋଲି ଆଶା ରଖିଛନ୍ତି। ୧୯୫୬ରେ ଜନ୍ମିତ ବୁଦ୍ଧିମନ୍ତ ବେହେରା କମ ପାଠ ପଢା ପରେ ୧୯୭୫ ଫେବୃଆରୀ ୨୦ରେ ଭାରତୀୟ ସ୍ଥଳ ସେନାର ମିଲିଟାରୀ ଇଂଜିନିୟରିଂ ସେର୍ଭିସରେ କ୍ରାଫ୍ଟସ ମେନ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସ୍ଥଳ ସେନାରେ ନିଜ ଦାଇତ୍ୱ ବହନ କରି ପାଞ୍ଚ ବର୍ଷ କାର୍ଯ୍ୟ କରିବା ପରେ ନିଜ ସାନ ଭାଇର ବିବାହ ପାଇଁ ୧୯୮୧ ଜାନୁଆରୀ ମାସରେ ଗ୍ରାମକୁ ଆସିଥିଲେ। ତେବେ ସେତେବେଳେ ବିନା ଦୋଷରେ ତାଙ୍କୁ ଚାରୋଟି ଅପରାଧିକ ମାମଲାରେ ପୁଲିସ କୋର୍ଟଚାଲାଣ କରିଥିଲା। ଛୁଟିରେ ଆସିଥିବା ବୁଦ୍ଧିମନ୍ତ ଆଉ ନିଜ କର୍ମ କ୍ଷେତ୍ରକୁ ଫେରି ପାଇପାରିଲେ ନାହିଁ। ସେହି ସମୟରେ ସେ ନିର୍ଦ୍ଦୋଷ ବୋଲି ପୁଲିସକୁ କାକୁତି ମିନତୀ ହୋଇ କହିଥିଲେ ମଧ ଗୁହାରି ପୁଲିସ ଶୁଣିନଥିଲା। ପରେ ସେ ଆଇନର ଆଶ୍ରୟ ନେଇ କୋର୍ଟରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ହେଲେ ସେତେବେଳେକୁ ସବୁ ଶେଷ ହୋଇଯାଇଥଲା। ଭାରତୀୟ ସ୍ଥଳ ସେନା ବୁଦ୍ଧିମନ୍ତଙ୍କୁ ଡ଼ିସେମ୍ବର ୧୯୮୧ରେ ଚାକିରୀରୁ ନିବୃତ୍ତ କରିଥିଲା। କାର୍ଯ୍ୟସ୍ଥଳରେ ମଧ ତାଙ୍କ ଅସୁବିଧା କେହି ବୁଝି ନଥିଲେ। ସେଥିପାଇଁ ସେ ଦିନ ମଜୁରିଆ ଭାବେ କାମ କରୁଛନ୍ତି। ଏହା ପରେ ସେ ନ୍ୟାୟ ପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ରୁଜୁ କରିବା ସହିତ ରାଜ୍ୟପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଜାତୀୟ ମାନବାଧିକାର କମିଶନ, ଏସସିଏସଟି କମିଶନକୁ ପତ୍ର ଲେଖି ଗୁହାରୀ କରିଛନ୍ତି। କିନ୍ତୁ ସୁଫଳ ମିଳିନାହିଁ। ଦୀର୍ଘ ବର୍ଷ କୋର୍ଟ ର ଲଢେଇ ରେ ମିଥ୍ୟା ମକଦ୍ଦମା ରୁ ନିସ୍ତାର ପାଇଲେ କିନ୍ତୁ ନିଜ କାର୍ଯ୍ୟ ରେ ଯୋଗ ଦେବା ପାଇଁ ସୁଯୋଗ ପାଇଲେ ନାହିଁ। ଇତି ମଧ୍ୟରେ ବହୁ ବର୍ଷ ବିତିଗଲାଣି ନିଜ ସମ୍ମାନ ସ୍ଥଳ ସେନାରୁ ପ୍ରାପ୍ୟ ଓ ହୋଇଥିବା ଅପୂରଣୀୟ କ୍ଷତି ପାଇଁ ଲଢୁଛନ୍ତି ବୁଦ୍ଧିମନ୍ତ ବେହେରା।

# ରାସ୍ତା ନାହିଁ; ବିଲହୁଡ଼ାରେ ସ୍କୁଲ୍ ଯାଉଛନ୍ତି ଛାତ୍ରଛାତ୍ରୀ

ଫିରିଙ୍ଗିଆ, ୭।୧୧(ସମିସ)

ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ଅନେକ ଯୋଜନା କରୁଛନ୍ତି। ଅନେକ ବିଦ୍ୟାଳୟକୁ ରୂପାନ୍ତରଣ କରିବା ସହ ଡିଜିଟାଲ ଶିକ୍ଷା ଉପରେ ମଧ୍ୟ ଗୁରତ୍ୱ ଦେଉଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନର ଆନ୍ତରିକତା ନ ଥିବାରୁ କିଛି ବିଦ୍ୟାଳୟ ଆଜି ବି ଅପହଞ୍ଚ ହୋଇରହିଯାଇଛି। ଏଥିଯୋଗୁଁ ବିଦ୍ୟାଳୟକୁ ଆସିବାକୁ ଛାତ୍ରଛାତ୍ରୀ ଅମଙ୍ଗ ହେଉଛନ୍ତି। ଅନେକ ପଦକ୍ଷେପ ସତ୍ତ୍ୱେ ବିଦ୍ୟାଳୟକୁ ଯିବାପାଇଁ ଭଲ ରାସ୍ତା ନାହିଁ। ବର୍ଷ ବର୍ଷ ଧରି ଛାତ୍ରଛାତ୍ରୀଙ୍କ ଚଲାପଥ ପାଲଟିଛି ବିଲହୁଡ଼ା। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତରେ। କରୁକଜା ଠାରୁ ଗଣିବାଲି ଯିବା ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ। ତେଣୁ ଗଣିବାଲି ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବା ପାଇଁ ବିଲ ହୁଡା ଏକମାତ୍ର ସାହାଭରସା ହୋଇଛି। ଆଜିଯାଏ ଗମନାଗମନ ପାଇଁ ରାସ୍ତା ହୋଇପାରି ନାହିଁ ଛାତ୍ରଛାତ୍ରୀମାନେ ବିଲହୁଡ଼ା ଦେଇ ଯାତାୟତ କରୁଛନ୍ତି। ସରକାର ମାଳମାଳ ଯୋଜନା ପ୍ରସ୍ତୁତ କରି ପକ୍କା ରାସ୍ତା ନିର୍ମାଣ କରୁଛନ୍ତି ଓ ଗାଁକୁ ସହର ସହିତ ଯୋଡୁଛନ୍ତି। କିନ୍ତୁ ଏଠି ଏଯାଏଁ ଛାତ୍ର ଛାତ୍ରୀ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ନିର୍ମାଣ ହୋଇପାରିନି। ଫିରିଙ୍ଗିଆ ବ୍ଲକ ଭୃଙ୍ଗୀଯୋଡି ପଞ୍ଚାୟତରେ ସରକାରଙ୍କ ଯୋଜନା ଫେଲ୍ ମାରିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟକୁ ରାସ୍ତା ନିର୍ମାଣ ପାଇଁ ଅଭିଭାବକ ସମେତ ଗ୍ରାମବାସୀ ଦାବି କରିଛନ୍ତି।



# ଆଉଟସୋର୍ସିଂ କର୍ମଚାରୀଙ୍କ ଦାବିପତ୍ର

ପୋଲସରା, ୭।୧୧(ସମିସ): ଓଡ଼ିଶା ଆଉଟସୋର୍ସିଙ୍ଗ୍ ପୌର କର୍ମଚାରୀ ସଂଘ ପୋଲସରା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ଗୁରୁବାର ପୋଲସରା ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ସଂଘର ସଂପାଦକ ଉତ୍ତମ ନାୟକ। ଦିର୍ଘଦିନ ଧରି ଆଉଟସୋର୍ସିଙ୍ଗ୍ ଭାବେ ପୋଲସରା ଏନ୍.ଏ.ସିରେ ସଫେଇ କର୍ମଚାରୀ କାର୍ଯ୍ୟ କରି ଆସୁଛନ୍ତି। ଯାହାକି ଦୈନନ୍ଦିନ ଜୀବନରେ ବହୁ ସମସ୍ୟା ମଧ୍ୟରେ ଗତି କରୁଥିବା ବେଳେ ନିମ୍ନ ଲିଖିତ ଦାବି ଗୁଡ଼ିକକୁ ନେଇ ସଂଘର କର୍ମଚାରୀ ମାନେକ୍ଷୋଭ ପ୍ରକାଶ କରିଛନ୍ତି। ଯାଥା ଦାବି ଗୁଡ଼ିକ ମଧ୍ୟରେ ଗରିମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ମାସକୁ ୨୮ ଦିନ ବଦଳରେ ମାତ୍ର ୧୩ ଦିନ ଗରିମାରେ ଅନ୍ତର୍ଭୁକ୍ତ କରାଯାଉଛି। ଯାହାକି ମାସାଧିକ କାଳ ସେଇ ସମାନ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଆମକୁ ଆମର ପ୍ରାପ୍ୟ ୨୮ ଦିନର ହିଁ ଦେବାକୁ ଦାବି କରିଛନ୍ତି। ପୂର୍ବ ଚୁକ୍ତି ଭିତ୍ତିକ ସଂସ୍ଥାର ଅବଧି ସରିବା ପୂର୍ବରୁ ନୂତନ ଟେଣ୍ଡର କରାଯାଇ ଦରମା ମିଳିବା ବିଳମ୍ବକୁ ପ୍ରତିହତ କରାଯାଉ। ମୃତ କର୍ମଚାରୀ ସଞ୍ଜୟ ନାୟକଙ୍କ ଯଥା ସମ୍ଭବ ପେନସନ୍ ଓ ଆବଶ୍ୟକ ସହାୟତା ପ୍ରଦାନ କରାଯାଉ ଭଳି ଦାବି ଉପସ୍ଥାପନ କରିଥିଲେ। ଏନେଇ ନେଇ କାର୍ଯ୍ୟରତ କର୍ମଚାରୀ ମାନେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅବଗତି ନିମନ୍ତେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ।



# ଔଷଧୀୟ ଚାରା ବଣ୍ଟନ

ବ୍ରହ୍ମପୁର, ୭।୧୧(ସମିସ): ସ୍ଥାନୀୟ ମୁକ୍ତେଶ୍ୱର ମନ୍ଦିର ନିକଟରେ ରାଣୀ ଲକ୍ଷ୍ମୀବାଇ ମହିଳା ସେବା ସଂଘ ପକ୍ଷରୁ ମାଗଣାରେ ଔଷଧୀୟ ଚାରା ବଣ୍ଟନ କରାଯାଇଛି। ସଭାନେତ୍ରୀ ଏସ୍.ରାଣୀଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିୟମିତ ଚାରା ବଣ୍ଟନ କରାଯାଇ ଜନସାଧାରଣ ମଧ୍ୟରେ ସଚେତନତା କରାଯିବ ବୋଲି ସଭାନେତ୍ରୀ ରାଣୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରଞ୍ଜିତା ପାତ୍ର, ସିପ୍ରା ସାହା, ଅଞ୍ଜନା ସାହା, କୁନି ଦାସ, ସନ୍ତୋଷୀ ଦାସ, ଶାଳିନୀ, ଶ୍ରୀନିବାସ ଦୋରା, ମଦନ ମୋହନ ପାତ୍ର ଓ ସୁଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଲାଇନପଡ଼ା ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପାଠଚକ୍ର

ଟିକାବାଲି, ୭।୧୧(ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଲାଇନ୍ ପଡ଼ା ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଗାଳ୍ପିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଂସର ବିଳାପ ଗଳ୍ପ କୁନେଇ ପାଠ ଚକ୍ର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପକ ଅକ୍ଷୟ କୁମାର ଦିଗାଲ ଅତିଥିଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋକ୍ୟନାଥ ସେନାପତି, ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ, ଜିତେନ୍ଦ୍ର କୁମାର ମହାନ୍ତି, ଅମିୟ କୁମାର ନାୟକ, ଅଧ୍ୟାପିକା ସସ୍ମିତା ପାଳ ଓ ଶୁଭଶ୍ରୀ ଦିଗାଲ ଯୋଗ ଦେଇଥିଲେ। ଟିକାବାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଦୀନବନ୍ଧୁ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ର ଅମୀୟ କୁମାର ନାୟକ ସନ୍ଦର୍ଭ ପାଠ କରିଥିଲେ। ବିଭାଗର ଛାତ୍ରୀ ଦିପ୍ତିମୟୀ ମଲ୍ଲିକ, ଶୁଭସ୍ମିତା ଦିଗାଲ ଓ ମାଧୁରୀ ଜାନି, ଛାତ୍ର ସଞ୍ଜୀବ ସାହୁ, ଜ୍ଞାନେନ୍ଦ୍ର ବେହେରା ପରିଚାଳନା କରିଥିଲେ।



# ସ୍କାଉଟ୍ସ ଏଣ୍ଡ ଗାଇଡ୍ସର ପ୍ରତିଷ୍ଠା ଦିବସ




ଭଞ୍ଜନଗର, ୭।୧୧(ସମିସ): ଭଞ୍ଜନଗର ବ୍ଲକ ବାହାଡ଼ାପଦର ଉଚ୍ଚ ବିଦ୍ୟାଳୟରେ ଭାରତ ସ୍କାଉଟ୍ ଏଣ୍ଡ ଗାଇଡ୍ର ୭୫ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ମଞ୍ଚାସୀନ ଥିଲେ। ବରିଷ୍ଠ ସ୍କାଉଟ୍ ଶିକ୍ଷକ ହୃଷିକେଶ ନାୟକ ଦିବସର ଉଦ୍ଦେଶ୍ୟ ଏବଂ ଭାରତ ସ୍କାଉଟ୍ ଏଣ୍ଡ ଗାଇଡ୍ ମହତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୀର ଚକରା ବିଷୋୟୀ ସ୍କାଉଟ୍ ଟ୍ରୁପ୍‌ର ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବକ୍ତୃତା, ରଚନା, ଚିତ୍ରକଳା ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ପରେ ବାହାଡ଼ାପଦର ଗ୍ରାମରେ ସ୍କାଉଟ୍ ଟ୍ରୁପ୍ ର ଛାତ୍ରଛାତ୍ରୀ ମାନେ ୱାକଥନ ରାଲି କରି ସ୍କାଉଟ୍ ଏଣ୍ଡ ଗାଇଡ୍ ସମ୍ପର୍କରେ ସଚେତନତା ସୃଷ୍ଟି କରି ଥିଲେ। ସହ ସ୍କାଉଟ୍ ଶିକ୍ଷକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସିପିଆଇ ପକ୍ଷରୁ 'ଅକ୍ଟୋବର ବିପ୍ଳବ'

ବ୍ରହ୍ମପୁର, ୭।୧୧(ସମିସ): ସ୍ଥାନୀୟ ପାର୍କ ସାହି ସ୍ଥିତ ସିପିଆଇ କାର୍ଯ୍ୟାଳୟରେ ନଭେମ୍ବର ୭ଅକ୍ଟୋବର ବିପ୍ଳବର ୧୦୮ତମ ବାର୍ଷିକୀ ଉପଲକ୍ଷେ ଲାଲ୍ ପତାକା ଉତ୍ତୋଳନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପାର୍ଟି ନେତା ତଥା ପାର୍ଟି ମୁଖପତ୍ର 'ନୂଆଦୁନିଆ'ର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ ଲାଲ୍ ପତାକା ଉତ୍ତୋଳନ କରି ଅକ୍ଟୋବର ବିପ୍ଳବର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରକାଶ କରି ମହାମତି ଲେନିନ୍‌ଙ୍କ ନେତୃତ୍ୱରେ ସଂଗଠିତ ଏହି ସମାଜବାଦୀ ବିପ୍ଳବ ଅନଗ୍ରସର ରୁଷିଆରେ ସର୍ବପ୍ରଥମ ଶ୍ରମିକ ଶ୍ରେଣୀର ରାଷ୍ଟ୍ର ପ୍ରତିଷ୍ଠା କରି ମଣିଷ ଉପରେ ମଣିଷର ଶୋଷଣକୁ ସମାପ୍ତ କରିଥିବା ବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ଉପଲବ୍ଧି ବୋଲି କହିଥିଲେ।




ସିପିଆଇ ଆଞ୍ଚଳିକ ସମ୍ପାଦକ କାମଦେବ ନାହାକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ପ୍ରବୀଣ କୁମାର ଦାଶ, ରବୀନ୍ଦ୍ର କୁମାର ନାୟକ, ଗାଗାରିନୀ ନାୟକ ମହମ୍ମଦ ଉଷାମାନ, ଏ ସୁଧୀର, ପ୍ରଫୁଲ୍ଲ ଜେନା, କାଳୀକିଙ୍କର ପାତ୍ର, ରୋହିତ ବିଷୋୟୀ, ମହେନ୍ଦ୍ର ପାତ୍ର, ପ୍ରଭାତୀ କୁମାରୀ ଦେବୀ, ତ୍ରିଲୋଚନ ଦାସ, ଟି ଭେକେଟ ରାଓ ଓ ଟି ଶ୍ରୀନିବାସ ରାଓ ପ୍ରମୁଖ ଯୋଗ ଦେଇଥିଲେ।

# ଆର୍ମି ପବ୍ଲିକ୍ ସ୍କୁଲ୍ ଜାତୀୟସ୍ତରରେ ପୁରସ୍କୃତ

ବ୍ରହ୍ମପୁର, ୭।୧୧(ସମିସ): ଭାରତର-୧୪୧ ଆର୍ମି ପବ୍ଲିକ୍ ସ୍କୁଲ୍ ମଧ୍ୟରେ ଚଳିତବର୍ଷ ଦଶମ ଶ୍ରେଣୀ ସିବିଏସ୍‌ଇ ବୋର୍ଡ ପରୀକ୍ଷା ଗୋଳାବନ୍ଦସ୍ଥିତ ଆର୍ମି ପବ୍ଲିକ୍ ସ୍କୁଲ୍ ଏକାଡେମିକ୍ ଉତ୍କର୍ଷ ପୁରସ୍କାର ଲାଭ କରିଛି। ନଭେମ୍ବର ୬ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ଏକ ସମାରୋହରେ ଦିଲ୍ଲୀ ଅଞ୍ଚଳର କମାଣ୍ଡିଂ ଜେନେରାଲ ଅଫିସର ଲେଫ୍ଟ ଜେନେରାଲ ଭବନିଶ କୁମାରଙ୍କଠାରୁ ଆର୍ମି ପବ୍ଲିକ ସ୍କୁଲ ଗୋପାଳପୁର ଅଧ୍ୟକ୍ଷ ପ୍ରଦୀପ କୁମାର ଏହି ସ୍ୱତନ୍ତ୍ର ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରଥମଥର ପାଇଁ ଆର୍ମି ପବ୍ଲିକ୍ ସ୍କୁଲ୍ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ଏବଂ ଟ୍ରଫି ହାସଲ କରିଛି। ଆଞ୍ଚଳିକ ଏବଂ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଶିକ୍ଷା କେନ୍ଦ୍ର ଉଭୟ ପାଠ୍ୟକ୍ରମ ଏବଂ କ୍ରୀଡ଼ାରେ ବିଦ୍ୟାଳୟ କ୍ରମାଗତ ଭାବରେ ଭଲ ପ୍ରଦର୍ଶନ କରିଛି। ଆର୍ମି ପବ୍ଲିକ୍ ସ୍କୁଲ୍ ଗୋପାଳପୁର, ମିଲିଟାରୀ ଷ୍ଟେସନ ଗୋପାଳପୁରରେ ସେନା ବ୍ୟକ୍ତିଙ୍କ ପିଲାମାନଙ୍କର ସାମଗ୍ରିକ ଶିକ୍ଷା ପ୍ରଦାନ କରୁଛି।



# ସିପିଆଇ ପକ୍ଷରୁ 'ଅକ୍ଟୋବର ବିପ୍ଳବ'

ରମ୍ଭା, ୭।୧୧(ସମିସ): ଗୁରୁବାର ଦିନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରମ୍ଭା ଶାଖାର କାର୍ଯ୍ୟାଳୟ ପାର୍ଶ୍ୱରେ ଗଞ୍ଜାମ ବ୍ଲକ ଜୋନାଲ ସମ୍ପାଦକ ବି ଦଣ୍ଡପାଣି ପାତ୍ରଙ୍କ ସଭାପତିତ୍ୱରେ ମହାନ ଅକ୍ଟୋବର ବିପ୍ଳବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବର୍ଷୀୟାନ ସିପିଆଇ ନେତା ତଥା ୧୨ନଂ ପୂର୍ବତନ କାଉନସିଲର କ୍ଷେତ୍ରବାସୀ ନାୟକ ପତାକା ଉତ୍ତୋଳନ ସହ ମହାନ ଅକ୍ଟୋବର ବିପ୍ଳବ ତାତ୍ପର୍ଯ୍ୟ, ବିଦେଶୀ ମାନଙ୍କ ଭାରତରେ ରାଜତ୍ୱ, ଶୋଷଣ, କାରନାମା ସମେତ ଅନେକ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ଷେତ୍ର ମୋହନ ବେହେରା (ଶାଖା ସମ୍ପାଦକ ), ରଜନୀକାନ୍ତ ବେହେରା (ସହ ସମ୍ପାଦକ )ସହିତ ଶାଖାର ସଭ୍ୟ କାହ୍ନୁ, ଟୁଲୁ, ଆପୁଲି, ବିନାୟକ, କ୍ରିଷ୍ଣା, ନିରାକାର, ଲୋକନାଥ, ପୂର୍ଣ୍ଣ ରଥ, ଏନ ମାଧବ, ଅରକ୍ଷିତ, ଜେ ଭାସ୍କର, ଲୋକନାଥ, ଏ ରଘୁନାଥ, ସଦାନନ୍ଦ ନାୟକ, ନାରାୟଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ।



# ଗୁଣି ସନ୍ଦେହରେ ହତ୍ୟା ଘଟଣା; ଆଉ ୫ ଗିରଫ

କୋରାପୁଟ, ୭।୧୧ (ସମିସ): ଗୁଣି ସନ୍ଦେହରେ ଗତ ମାସ ୨୨ ତାରିଖରେ ବଡ଼ାପୁଟ ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ଭୀମ ନାୟକ ହତ୍ୟା ଘଟଣାରେ ବୈପାରିଗୁଡ଼ା ଥାନା ପୁଲିସ୍ ଆଉ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ନୂଆଗୁଡ଼ା ଗ୍ରାମର ଲଳିତ ଖରା ଓରଫ ଜୀରୁ (୨୨), ଦାଶରଥି ମୁଣ୍ଡାଗଡ଼ିଆ(୨୦), ଗେନ୍ଦେରାଗୁଡ଼ା ଗ୍ରାମର ନରସିଂହ ଖରା ଓରଫ ଦିବା (୨୫), ମନ ହନ୍ତାଳ(୨୩) ଏବଂ ଡମ୍ବୁ ପାଙ୍ଗି (୩୦)। ଏହି ଘଟଣାରେ ପୁଲିସ୍ ଗତ ୧ତାରିଖରେ ଦୁଇ ଅଭିଯୁକ୍ତ ଭଗବାନ ଗାଦବା ଏବଂ ବଳଦେବ ମୁଣ୍ଡାଗଡ଼ିଆକୁ ଗିରଫ କରିଥିଲା। ତେବେ ଆହୁରି ୭ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ କହିଛି। ସୂଚନାନୁଯାୟୀ, ନୂଆଗୁଡ଼ା ଗ୍ରାମର ଭୀମ ନାୟକ(୪୧) ଜଣେ ପୂଜକ। ଏକ ଦେଶିଆ ନାଟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା ପାଇଁ ଗେନ୍ଦାଗୁଡ଼ା ଗ୍ରାମବାସୀ ଗତ ମାସ ୨୨ ତାରିଖରେ ତାଙ୍କୁ ଡାକିଥିଲେ। ପୂଜା ସାରି ସେଠାରୁ ଫେରିବା ବେଳେ ଗେନ୍ଦାଗୁଡାଠାରୁ ନୂଆଗୁଡ଼ା ଜଙ୍ଗଲ ରାସ୍ତାରେ ଦୁର୍ବୃତ୍ତମାନେ ତାଙ୍କୁ ପଥରରେ ଛେଚି ବୀଭତ୍ସ ଭାବେ ହତ୍ୟା କରିଥିଲେ। ପରେ ପ୍ରମାଣ ଲୁଚାଇବା ପାଇଁ ଏକ ଟାଙ୍ଗିଆରେ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଥିଲେ। ପରେ କଟାମୁଣ୍ଡକୁ ପୋଡ଼ିଦେବା ସହ ଶରୀରକୁ ନିକଟସ୍ଥ ପାହାଡ଼ରେ ଗାତ ଖୋଳି ପୋତି ଦେଇଥିଲେ।



# ଦୁଇ ଗୋ-ସେବକଙ୍କୁ ବଜରଙ୍ଗ ଦଳର ଦାୟିତ୍ୱ



ଗଞ୍ଜାମ, ୭।୧୧(ସମିସ): ଗଞ୍ଜାମ ସହର ସ୍ଥିତ ରାମ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବଜରଙ୍ଗ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଗଞ୍ଜାମ ଜିଲ୍ଲା ବଜରଙ୍ଗ ଦଳର ସଂଯୋଜକ ଅଜୟ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ବୈଠକରେ କେ .ଏଲେୟା ରେଡ୍ଡୀ ଓ ପ୍ରଭାତ ସାହୁଙ୍କୁ ଗଞ୍ଜାମ ବ୍ଲକ ବଜରଙ୍ଗି ଦଳର ମୁଖ୍ୟ ଦାୟିତ୍ୱ ଦିଆଯାଇଥିଲା। ଏଥିରେ ଦୁର୍ଗା ବାହିନୀ, ମାତୃ ଶକ୍ତି ବାହିନୀ କର୍ମ କର୍ତ୍ତା ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଶରତ କୁମାର ପ୍ରଧାନ, ଶ୍ରୀନିବାସ ଆଚାରି, ବଜରଙ୍ଗୀ ଦଳର ସହ ସଂଯୋଜକ ରୋଷନ୍ କୁମାର ସାହୁ, ବିଶ୍ୱବନ୍ଧୁ ପରିଷଦର କାର୍ଯ୍ୟକର୍ତ୍ତା ଭୈରବ ଭାଇ, ବିଜୟ ବେହେରା ପ୍ରମୁଖଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।

# ଜିଲ୍ଲାସ୍ତରୀୟ ସୁରଭି ଓ କଳା ଉତ୍ସବ

ପାରଳାଖେମୁଣ୍ଡି, ୭।୧୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ମୁଖ୍ୟଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ତିନୋଟି ବର୍ଗରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୩୨୦ ପ୍ରତିଯୋଗୀ ୧୬ ବିଭାଗରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ମଞ୍ଚାସୀନ ଥିଲେ।




# ଜଣେ ଶିକ୍ଷୟିତ୍ରୀରେ ଚାଲିଛି ବିଦ୍ୟାଳୟ

ବୁଗୁଡ଼ା, ୭।୧୧(ସମିସ)

ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବି.ବ୍ରହ୍ମପୁର ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସମ୍ପ୍ରତି ପୁରାପୁରି ଭୁଷୁଡି ପଡ଼ିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୨ଟି ପିଲା ଜଣେ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱରେ ରହିଛନ୍ତି। ଶିକ୍ଷକ ଅଭାବରୁ ବିଦ୍ୟାଳୟର ଗୋଟିଏ କକ୍ଷରେ ପାଞ୍ଚଟି ଶ୍ରେଣୀର ପିଲାଙ୍କୁ ନେଇ ଜଣେ ଶିକ୍ଷୟିତ୍ରୀଙ୍କ ଦ୍ୱାରା କଷ୍ଟେମଷ୍ଟେ କାମଚଳା ପାଠପଢ଼ା ଚାଲୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ପୂର୍ବରୁ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ପଣ୍ଡା ଓ ଜଣେ ସହକାରୀ ଶିକ୍ଷକ ଭରତ ଧାରୁଆ ପିଲାଙ୍କ ଅଧ୍ୟାପନା ଦାୟିତ୍ୱରେ ରହିଥିଲେ। ତେବେ ଗତ ଜୁନ୍ ୧୮ ତାରିଖରେ ସହକାରୀ ଶିକ୍ଷକ ଜଣକ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରଠାରୁ ସେହି ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ହିଁ ପାଠ ପଢ଼ାଉଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଜଣକ କୌଣସି କାରଣରୁ ଗତ ୪ ତାରିଖରୁ ଛୁଟିରେ ଯାଇଥିବାବେଳେ ପଙ୍କଳସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ନିକୁଞ୍ଜ ମୋହନ ବେହେରା ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ଡେପୁଟେସନରେ ଆସି ଏବେ ସେଠାରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଶିକ୍ଷକଙ୍କ ଡେପୁଟେସନ ସମାପ୍ତ ପରେ ପୁଣି ସେହି ଜଣେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ଚାଲିବାକୁ ଥିବାବେଳେ ଅଭିଭାବକଙ୍କୁ ପିଲାଙ୍କ ପାଠପଢ଼ା ଚିନ୍ତା ଘାରିଛି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିଦ୍ୟାଳୟର ଶିକ୍ଷକ ଅଭାବ ଜନିତ ଦୂରାବସ୍ଥା ଦୂରୀକରଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ନେଇ ଅଭିଭାବକ ମହଲରେ ଦାବି ହେଉଛି।



